ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.22 . No.198, Bhubaneswar Saturday, September 14, 2019 ୨୨ତମ ବର୍ଷ ସଂଖ୍ୟା-୧୯୮ ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୪, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ବିଧାୟକମାନଙ୍କ ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୯(ପି.ଏନ): ଗଣତନ୍ତ୍ରରେ ଜନସାଧାରଣ ହେଉଛନ୍ତି ପ୍ରକୃତ ମାଲିକ। ସେମାନଙ୍କୁ ଗୁରୁତ୍ୱ ଦେବା ଏବଂ ସେମାନଙ୍କ କାମ କରିବା ଉପରେ ଅଧିକ ଯତ୍ନଶୀଳ ହେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବିଧାନସଭାର ବିଧାୟକ ଓ ବିଧାୟିକା ମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହା ବ୍ୟତୀତ ଉଚ୍ଚାରଣ , ଆଚରଣ ଓ ବିଧାନସଭାର ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ । ଷୋଡଶ ବିଧାନସଭାର ବିଧାୟକ ମାନଙ୍କ ନିମିତ ଲୋକସଭା ସଚିବାଳୟ ଓ ରାଜ୍ୟ ବିଧାନସଭା ସଚିବାଳୟ ଦ୍ୱାରା ମିଳିତ ଭାବେ ବିଧାନସଭା ପରିସରରେ ଆୟୋଜିତ ୨ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରି ଏହି ଗୁରୁମନ୍ତ୍ର ଦେଇଥିଲେ। ସେ କହିଥିଲେ ଯେ ସରଳ ଜୀବନଯାପନ କରିବା ସହିତ ସର୍ବାଙ୍ଗୀନ ଉନ୍ନତି ପାଇଁ କାମ କର। ସାଧରଣ ଲୋକଙ୍କ ସମସ୍ୟା ବୁଝିବା , ତାର ସମାଧାନ କରିବା ଉପରେ ଗୁରୁତ୍ୱ ଦେବା ସହ ସେମାନେ ଯେଉଁ ଉଦ୍ଦେଶ୍ୟରେ ବିଧାନସଭାକୁ ପଠାଇଛନ୍ତି ତାକୁ ପୂରଣ କରିବାକୁ



ପ୍ରୟାସ କର। ବିଧାୟକ ହିସାବରେ ଦାୟିତ୍ୱ ଓ କର୍ତ୍ତବ୍ୟ କଣ , ବିଧାନସଭା କଣ , ସବମିଶନ କଣ , ପଏଂଟ ଅଫ୍ ଅର୍ଡର , ଇ- ବିଧାନସଭା , ବିଧାନସଭାର ବିଭିନ୍ନ କମିଟିର କାର୍ଯ୍ୟଧାରା କଣ ତାହା ବୁଝିନେବା ପାଇଁ ଚେଷ୍ଟା କରିବାର ଆବଶ୍ୟକତା ରହିଛି। ଏହି ପ୍ରଶିକ୍ଷଣ ମାଧ୍ୟମରେ ବିଧାୟକ ବିଧାୟିକାମାନଙ୍କୁ ସଚେତନ କରାଯିବ। ମାଲିକ ନହୋଇ ସେବକ ମନୋଭାବ ନେଇ କାର୍ଯ୍ୟ କରନ୍ତୁ।ଗଣତନ୍ତ୍ରରେ ବିଧାନସଭା ହେଉଛି ଆଇନ ପ୍ରଣୟନକାରୀ ସଂସ୍ଥା। ଏହି ସାମ୍ବିଧାନିକ ସଂସ୍ଥା ଆଇନ ପ୍ରଣୟନ କରେ, ସଂଶୋଧନ ଆଣେ, ବଜେଟ୍ ଅନୁମୋଦନ କରେ, ନୀତି ନିର୍ଦ୍ଧାରଣ କରେ। ଗଣତାନ୍ତ୍ରିକ ମୂଲ୍ୟବୋଧ ରକ୍ଷା କରିବା ହେଉଛି ଆମ ମାନଙ୍କର ପ୍ରଧାନ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି ଯେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ନବାଗତ ବିଧାୟକମାନେ ବିଧାନସଭାର କାର୍ଯ୍ୟାବଳୀ , ବିଧାନସଭାର ନିୟମାବଳୀ , ନିଜର ଦାୟିତ୍ୱ , କର୍ତବ୍ୟ ସମ୍ପର୍କରେ ଚେତାଇବ। ପ୍ରତି ୧୫ ଦିନରେ ଥରେ ବିଧାୟକମାନଙ୍କର ବୈଠକ ବସିବ। ଏଥିରେ ସେମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରାଯିବ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଉପବାଚସ୍ପତି ରଜନୀକାନ୍ତ ସିଂହ , ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ , ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ , ସରକାରୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ବେହେରା , ଲୋକସଭାର ବରିଷ୍ଠ ଅଧିକାରୀ ପୁଲିନ୍ ଭୂତିଆ , ରାଜ୍ୟ ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ୩୬ ଲିଟର ନକଲି ବିଦେଶୀ ମଦ ଜବତ : ଜଣେ ଗିରଫ

ଗଞ୍ଜାମ, ୧୩।୯(ପି.ଏନ): ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅନ୍ତର୍ଗତ ଖଲିଙ୍ଗ ଗ୍ରାମର ଏକ ପାନ ଦୋକାନ ଉପରେ ଅବକାରୀ ବିଭାଗ ଏବଂ ପୁଲିସ ମିଳିତ ଚଢ଼ଉ କରି ବିପୁଳ ପରିମାଣର ନକଲି ବିଦେଶୀ ମଦ ଜବତ କରିଛନ୍ତି । ପ୍ରାୟ ୨୦୦ ବୋତଲ ଅର୍ଥାତ୍ ୩୬ ଲିଟର ବିଦେଶୀ ମଦ ଜବତ କରାଯାଇଛି । ଘଟଣାରେ ପାନ ଦୋକାନୀ ଶିବାଜୀ ମହାନ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି । ଏହି ଚଢ଼ଉରେ ଚିକିଟି ଅବକାରୀ ନିରୀକ୍ଷକ ଲକ୍ଷ୍ମଣ କୁମାର ଷଡ଼ଙ୍ଗି, ଦିଗପହଣ୍ଡି ଉପନିରୀକ୍ଷକ ଅଭିରାମ ସାହୁ, ବ୍ରହ୍ମପୁର ଷ୍ଟ୍ରାଇକିଙ୍ଗ ସ୍କ୍ୱାଡ୍ ଉପନିରୀକ୍ଷକ ଶ୍ରୀଧର ମହାନ୍ତି, ପାଟପୁର ଥାନା ଅଧିକାରୀ ରମେଶ ଚନ୍ଦ୍ର ପ୍ରଧାନ ଏବଂ ପାଟପୁର ତହସିଲଦାର ଅମିତ ନାୟକ ପ୍ରମୁଖ ସାମିଲ୍ ଥିଲେ । ଏ ସଂକ୍ରାନ୍ତରେ ପାଟପୁର ଅବକାରୀ ବିଭାଗ ପକ୍ଷରୁ ୨୯/୧୯ ରେ ଏକ ମାମଲା ରୁଜୁ କରାଯାଇ ଗିରଫ ଶିବାଜୀକୁ ଆଜି କୋର୍ଟଚାଲାଣ କରାଯାଇଛି ।

## ପୁଣି ୧୬ ଦୁର୍ନୀତିଖୋର ଅଫିସରଙ୍କୁ ବରଖାସ୍ତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୯(ପି.ଏନ): ଦୁର୍ନୀତି ଅଭିଯୋଗ ଆସିଥିବା ୧୬ ଜଣ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଶୁକ୍ରବାର ଚାକିରୀରୁ ବରଖାସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ୫ ଜଣ ପ୍ରଧାନ ଶିକ୍ଷକ , ୪ ଜଣ ଇଂଜିନିୟର , ୨ ଜଣ ଆରଆଇ , ଜଣେ ଫାର୍ମାଶିଷ୍ଟ , ଜଣେ ଅମୀନ , ଜଣେ ପିଇଓ ଓ ୨ ଜଣ କିରାଣୀ ଅନ୍ତର୍ଭୁକ୍ତ। ସେମାନେ ସମସ୍ତେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏହାକୁ ମିଶାଇ ମୁଖ୍ୟମନ୍ତ୍ରୀ ଗତ ଏକ ମାସ ମଧ୍ୟରେ ୩୭ ଜଣ ଅଧିକାରୀଙ୍କୁ ବରଖାସ୍ତ କରିବା ସହ ୬ ଜଣଙ୍କ ପେନସନ୍ ବନ୍ଦ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବରଖାସ୍ତ ହୋଇଥିବା ଅଧିକାରୀ ମାନେ ହେଲେ ଭୁବନେଶ୍ୱର ଆର ଆଣ୍ଡ ବି ଡିଭିଜନ୍ -୧ ର ଡେପୁଟି ଏକଜୁକ୍ୟୁଟିଭ୍ ଇଂଜିନିୟର ଜିବେଶ ଚନ୍ଦ୍ର ରଥ , ଦଶପଲ୍ଲା ରୁରାଲ୍ ୱାର୍କସ୍ ର ସହକାରୀ ଯନ୍ତ୍ରୀ ତିରୁପତି ଭେଙ୍କଟେଶ୍ୱର ପାଣି , କାମାକ୍ଷାନଗର ବ୍ଲକ୍ ର କନିଷ୍ଠ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ସିଂହ , ବଳରାମପୁର ଜଗତସିଂହପୁରର ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ କୁମାର ବିଶ୍ୱାଳ , ମାଥିଲି ବ୍ଲକ୍ ର ସାରଙ୍ଗପାଲି ପ୍ରାଥମିକ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ କପିଳ ଚନ୍ଦ୍ର ନାୟକ , ନରଙ୍ଗପୁର ପାପଡାହାଣ୍ଡିର ପିୟୁପି ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପାତ୍ର , ଟିଓଏମଇ ସ୍କୁଲ ପାପଡାହାଣ୍ଡିର ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଧର ହରିଜନ ,କନ୍ଧମାଳ କୋଟଗଡ ବ୍ଲକ୍ ଏଇସି ଅଡାରି ନ୍ୟୁ ପ୍ରାଇମେରୀ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାହ୍ନୁଚରଣ ଡିଗଲ , କୋଦଳା ତହସିଲ ଅଫିସର ରେଭେନ୍ୟୁ ଇନସପେକ୍ଟର ମଙ୍ଗୁଲୁ ନାଏକ , ଶାଳପଡା ସ୍ପେଶାଲ ଲ୍ୟାଣ୍ଡ ଆକ୍ୟୁଜିସନ୍ ଅଫିସ୍ ର ଆରଆଇ ନରହରି ଓଝା , କେନ୍ଦୁଝର ବାସୁଦେବପୁର ପିଡି (ଆର ଆଣ୍ଡ ଆର)ର ଅମୀନ ଶରତ ଚନ୍ଦ୍ର ସେଠୀ , ବୌଦ ପୁରୁଣା କଟକ ସିଏଚସିର ପୂର୍ବତନ ଫାର୍ମାଶିଷ୍ଟ ସନ୍ତୋଷ କୁମାର ପଣ୍ଡା , ଇଚ୍ଛାପୁର ହାଇସ୍କୁଲର କନିଷ୍ଠ କିରାଣୀ ନକୁଳ କୁମାର ଖମାରୀ , ବୌଦ ହରଭଙ୍ଗାର ବିଇଓଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ବିରେନ୍ଦ୍ର କୁମାର ପଣ୍ଡା ଓ କୋରାପୁଟ ନନ୍ଦପୁର ବ୍ଲକ୍ ର ପଂଚାୟତ ଏକଜିକ୍ୟୁଟିଭ୍ ଅଫିସର ପ୍ରଶାନ୍ତ ଚନ୍ଦ୍ର ନାୟକ। ବିକାଶର ସବୁଠୁ ବଡ ପ୍ରତିବନ୍ଧକ ଦୁର୍ନୀତି ବିରୁଦ୍ଧରେ ରାଜ୍ୟ ସରକାର କଡା ଆଭିମୁଖ୍ୟ ରଖିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଦୁର୍ନୀତି କ୍ଷେତ୍ରରେ ଜିରୋ ଟଲେରାନ୍ସ ନୀତି ଉପରେ ଗୁରୁତ୍ୱ ଦେଇଛନ୍ତି। ଦୁର୍ନୀତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ବରଖାସ୍ତ କରିଛନ୍ତି।

## ଏଚଡିଏଫସି ବ୍ୟାଙ୍କ ଲୁଟ୍ ଉଦ୍ୟମ, ସାଇଂଟିଫିକ୍ ଟିମ୍ ର ତଦନ୍ତ ଜାରୀ

ମାଲକାନଗିରି, ୧୩।୯(ପି.ଏନ): ମାଲକାନଗିରି ଜିଲ୍ଲା ଓର୍କେଲ୍ ଥାନା ଅନ୍ତର୍ଗତ ତାରଲାକୋଟା ଗ୍ରାମରେ ଥିବା ଏଚଡିଏଫସି ବ୍ୟାଙ୍କରୁ ଲୁଟ୍ ଉଦ୍ୟମ କରିଛନ୍ତି ଦୁର୍ବୃତ୍ତ । ତେବେ ସେମାନେ ଟଙ୍କା ଲୁଟିବାରେ ବିଫଳ ହୋଇଛନ୍ତି । ଆଜି ଭୋର୍ ସମୟରେ ସେମାନେ ଏହି ଯୋଜନା କରିଥିବା ବେଳେ ଏଥିରେ ଫେଲ୍ ମାରିଛନ୍ତି । ପୂର୍ବାହ୍ନରେ ବ୍ୟାଙ୍କର କର୍ମଚାରୀମାନେ ବ୍ୟାଙ୍କକୁ ଆସି ମୁଖ୍ୟ ଫାଟକର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ତୁରନ୍ତ ସ୍ଥାନୀୟ ପୋଲିସକୁ ଖବର ଦିଆଯାଇଥିଲା । ସାଇଂଟିଫିକ୍ ଟିମ୍ ସହିତ ଓର୍କେଲ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଚଳାଇଥିବା ମାଲକାନଗିରି ଏସପି ଋଷିକେଶ ଖିଲାରୀ ସୂଚନା ଦେଇଛନ୍ତି ।

## ଆରଟିଓ କାର୍ଯ୍ୟାଳୟ ମାନଙ୍କରେ ଖୋଲିବ ଅତିରିକ୍ତ କେନ୍ଦ୍ର

ଭୁବନେଶ୍ୱର, ୧୩।୯(ପି.ଏନ): ଭିଡ଼କୁ ଏଡ଼ାଇବା ପାଇଁ ସମ୍ପୃକ୍ତ ଆରଟିଓ କାର୍ଯ୍ୟାଳୟ ମାନଙ୍କରେ ଅତିରିକ୍ତ କେନ୍ଦ୍ରମାନ ଖୋଲାଯିବ । ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଏବଂ ଖୋର୍ଦ୍ଧାରେ ୫ଟି ଅତିରିକ୍ତ କେନ୍ଦ୍ର ଖୋଲାଯିବ ବୋଲି ପରିବହନ ବିଭାଗର ଶାସନ ସଚିବ ଜି. ଶ୍ରୀନିବାସ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଭିଡ଼କୁ ଦେଖି ଅନ୍ୟାନ୍ୟ ସହର ମାନଙ୍କରେ ଥିବା ଆରଟିଓ କାର୍ଯ୍ୟାଳୟ ମାନଙ୍କରେ ଅନୁରୂପ ଭାବେ ଏହି ଅତିରିକ୍ତ କେନ୍ଦ୍ର ସବୁ ଖୋଲାଯିବ । ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରରେ ୪ଟି ଏବଂ ଖୋର୍ଦ୍ଧାରେ ଗୋଟିଏ ଅତିରିକ୍ତ କେନ୍ଦ୍ର ଖୋଲାଯିବ । ଏହା ବ୍ୟତୀତ ଛୁଟି ଦିନ ମାନଙ୍କରେ ମଧ୍ୟ ଏହି କାର୍ଯ୍ୟାଳୟ ଗୁଡ଼ିକ ଖୋଲାରହିବ । ଅତିରିକ୍ତ କେନ୍ଦ୍ର ମାନଙ୍କରେ ଲର୍ଣ୍ଣିଂ ଲାଇସେନ୍ସ ମିଳିବ ।

## ଆସନ୍ତା ୨୭ରେ ୨ ଦିନିଆ ଓଡିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ରାମନାଥ କୋବିନ୍ଦ

ଭୁବନେଶ୍ୱର, ୧୩।୯(ପି.ଏନ): ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆସନ୍ତା ୨୭ ଓ ୨୮ ତାରିଖ ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ରାଷ୍ଟ୍ରପତି ଗୋପାଳପୁର ବନ୍ଦର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁଯାୟୀ ରାଷ୍ଟ୍ରପତି ୨୭ ତାରିଖ ସଂଧ୍ୟାରେ ଭୁବନେଶ୍ୱରରେ ପହଂଚିବେ। ଭୁବନେଶ୍ୱରସ୍ଥିତ ରାଜଭବନ ଠାରେ ରାତ୍ରୀଯାପନ ପରେ ୨୮ ତାରିଖ ସକାଳ ୬ଟା ୧୦ ମିନିଟ୍ ରେ ରାଷ୍ଟ୍ରପତି ଗୋପାଳପୁର ଗସ୍ତରେ ଯିବେ। ସେଠାରୁ ଦିନ ୧୧ ଟାରେ ଭୁବନେଶ୍ୱର ଫେରି ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଭୁବନେଶ୍ୱର ଡିଜି କ୍ୟାମ୍ପ ଅଫିସରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଡିଜି ବିକେ ଶର୍ମାଙ୍କ ଅଧକ୍ଷତାରେ ବସିଥବା ବୈଠକରେ ରାଷ୍ଟ୍ରପତିଙ୍କ ସୁରକ୍ଷା ସମ୍ପର୍କିତ ଆଲୋଚନା ହୋଇଛି। ଏହି ବୈଠକରେ ଆଇଜି ଅପରେସନ୍, ଏଡିଜି କୋଷ୍ଟାଲ୍ ସିକ୍ୟୁରିଟି ଗୁଇନ୍ଦା ବିଭାଗ ଆଇଜି, ଡିଆଇଜି ସତ୍ୟବ୍ରତ ଭୋଇ, ପୋଲିସ କମିସନର ସୁଧାଂଶୁ ଷଡ଼ଙ୍ଗୀ, ଭୁବନେଶ୍ୱର ଡିସିପି ,ଗଞ୍ଜାମ ଏସପି ଓ ବରିଷ୍ଠ ଅଧିକାରୀ ସାମିଲ ହୋଇଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଓଡ଼ିଶା ଗସ୍ତ କିପରି ସୁରୁରୁପେ ସମ୍ପାଦିତ ହେବ ସେଥିନେଇ ଏହି ବୈଠକରେ ଆଲୋଚନା ହେଉଥିବାର ସୂଚନା ରହିଛି। ଡିଜିପି କହିଛନ୍ତି ବ୍ଲୁ - ବୁକ୍ ଅନୁସାରେ ରାଷ୍ଟ୍ରପତିଙ୍କର ସୁରକ୍ଷା ବ୍ୟବସ୍ଥା କରାଯାଇଥାଏ। ସେଥିଲାଗି ଆଜି ପ୍ରାଥମିକ ବୈଠକ ବସି ବିଭିନ୍ନ ପ୍ରସଙ୍ଗ ଆଲୋଚନା ହୋଇଛି।

## ପୁରୀର ବିକାଶ ପାଇଁ ୫ ଯୁବ ଆଇଏଏସ୍ ଙ୍କୁ ନିଯୁକ୍ତି

ଭୁବନେଶ୍ୱର, ୧୩।୯(ପି.ଏନ): ପୁରୀକୁ ବିଶ୍ୱ ଐତିହ୍ୟ ନଗରୀ ଭାବେ ବିକଶିତ କରିବାପାଇଁ ୫ ଜଣ ଯୁବ ଆଇଏଏସ୍ ଙ୍କୁ ପୁରୀ ପଠାଯାଇଛି। ସେମାନେ ହେଲେ ସୂର୍ଯ୍ୟବଂଶୀ ମୟୁର ବିକାଶ , କୀର୍ତିଭାସନ୍ ଭି , ଡ. ଶୁଭଙ୍କର ମହାପାତ୍ର , ଜେ. ସୋନାଲ ଓ ଭୁବନେଶ ଦେବଦାସ ପାଟିଲ। ୨୦୧୮ ବ୍ୟାଚ୍ ର ଏହି ଆଇଏଏସ୍ ଅଧିକାରୀମାନେ ଶୁକ୍ରବାର ପୁରୀ ଯାଇ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୁରୀର ଭିତିଭୂମିର ବିକାଶ , କୀର୍ତିରାଜିର ସଂରକ୍ଷଣ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ୫୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଆରମ୍ଭ କରାଯାଇଛି। ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ଜିଲ୍ଲାପାଳଙ୍କୁ ସହଯୋଗ କରିବାପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ ଜଣ ପ୍ରୋବେସନର ଆଇଏଏସ୍ ଅଫିସରଙ୍କୁ ପୁରୀରେ ନିଯୁକ୍ତି ଦେଇଛନ୍ତି। ନବନିଯୁକ୍ତ ଅଧିକାରୀମାନେ ପୁରୀର ବିକାଶ ପାଇଁ କରାଯାଇଥିବା ବିଭିନ୍ନ ପ୍ରକଳ୍ପ ଦାୟିତ୍ୱରେ ରହିବେ। ପୁରୀ ଯିବା ପୂର୍ବରୁ ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟପରାମର୍ଶଦାତା ଆର ବାଲାକ୍ରିଷ୍ଣନ୍ ଏବଂ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ ପାଣ୍ଡିଆନ୍ ସେମାନଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ । ରାଜ୍ୟ ସରକାରଙ୍କ ଏହି ମହତ୍ୱାକାଂକ୍ଷୀ କାର୍ଯ୍ୟକମକୁ ସଫଳ କରିବାପାଇଁ ପ୍ରତିବଦ୍ଧତାର ସହ କାମ କରିବାକୁ ପରାମର୍ଶ ଦେଇଥିଲେ ।

## ଓଡ଼ିଶାରେ ଶକ୍ତି ଭିତିଭୂମିର ପୁନରୁଦ୍ଧାର ପାଇଁ କୋଲ ଇଣ୍ଡିଆ ପକ୍ଷରୁ ୫୦ କୋଟି ଟଙ୍କା ପ୍ରଦାନ

ଭୁବନେଶ୍ୱର, ୧୩।୯(ପି.ଏନ):- ବାତ୍ୟା ଫନି ଯୋଗୁ ରାଜ୍ୟର ବିଭିନ୍ନ ଅଂଚଳରେ ଶକ୍ତି ଭିତିଭୂମିର ବ୍ୟାପକ କ୍ଷୟକ୍ଷତି ହୋଇଥିଲା ।ଏହାର ପୁନରୁଦ୍ଧାର ପାଇଁ ଆଜି କୋଲ ଇଣ୍ଡିଆ ଲିମିଟେଡ଼ ପକ୍ଷରୁ ରାଜ୍ୟ ସରକାରଙ୍କ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କୁ ୫୦ କୋଟି ୩୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଆଜି କୋଇଲା ମନ୍ତ୍ରଣାଳୟର ସଚିବ ଶ୍ରୀ ସୁମନ୍ତ ଚୌଧୁରୀ ମୁଖ୍ୟମନ୍ତ୍ରୀ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ପରିମାଣର ଚେକ୍ ପ୍ରଦାନ କରିଛନ୍ତି । ଏହି ଅବସରରେ କୋଇଲା ମନ୍ତ୍ରଣାଳୟର ଯୁଗ୍ମ ସଚିବ ଆଶିଷ ଉପାଧ୍ୟାୟ, କୋଲ ଇଣ୍ଡିଆର ଅଧକ୍ଷ ଏ. କେ. ଝା, ସ୍ୱତନ୍ତ୍ର ରିଲିଫ କମିଶନର ପି. କେ. ଜେନା, ଓଡ଼ିଶା ଶକ୍ତି ସଚିବ ବିଷ୍ଣୁପଦ ସେଠୀ ଏବଂ ମହାନଦୀ କୋଲଫିଲଡ଼ସ ଲିମିଟେଡ଼ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବି.ଏନ୍. ଶୁକ୍ଲା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଶକ୍ତି ବିଭାଗର ଓପିଟିସିଏଲ ଜରିଆରେ ଏହି ପୁନରୁଦ୍ଧାର କାର୍ଯ୍ୟ କରାଯିବ । ଏଥିରେ ପୁରୀ, ଭୁବନେଶ୍ୱର, କଟକ ଓ କୋଲ ଇଣ୍ଡିଆର କାର୍ଯ୍ୟକ୍ଷେତ୍ର ମଧ୍ୟରେ ଥିବା ଅଂଚଳ ଗୁଡ଼ିକରେ ଶକ୍ତି ଭିତିଭୂମିର ଉନ୍ନତି ପାଇଁ ୩ଟି ୨୨୦ କେ.ଭି ଓ ଦୁଇଟି ୧୩୨ କେଭି ଟ୍ରାନ୍ସମିଶନ ଲାଇନ ସ୍ଥାପନ କରାଯିବା

## ସୁନ୍ଦରଗଡ଼ ଜିଲ୍ଲାରେ ଡେ଼ଙ୍ଗୁ ଆତଙ୍କ : ୧୬ ରକ୍ତ ନମୂନାରୁ ୧୧ ପଜେଟିଭ୍

ସୁନ୍ଦରଗଡ଼, ୧୩।୯(ପି.ଏନ): ସୁନ୍ଦରଗଡ଼ ଜିଲ୍ଲାରେ ଡେ଼ଙ୍ଗୁ ଆତଙ୍କ । ଜିଲ୍ଲାରେ ଖତକୁରବାହାଲ ଗ୍ରାମରେ ପ୍ରଥମେ ଡେ଼ଙ୍ଗୁ ଆକ୍ରାନ୍ତଙ୍କୁ ଚିହ୍ନଟ ହୋଇଥିବା ବେଳେ ଏବେ ଏହା ସମ୍ପୂର୍ଣ୍ଣ ଜିଲ୍ଲାକୁ ବ୍ୟାପୀବାରେ ଲାଗିଛି । ଜିଲ୍ଲାରେ ମୋଟ୍ ୧୬ ଜଣଙ୍କ ରକ୍ତ ନମୂନା ସଂଗ୍ରହ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କ ରକ୍ତ ନମୂନା ପଜେଟିଭ୍ ଥିବା ଜଣାପଡିଛି । ପ୍ରଥମ ଦୁଇ ଜଣ ଏବେ ଚିକିତ୍ସା ପରେ ସୁସ୍ଥ ଥିବା ଜଣାପଡିଛି । ଅନ୍ୟ ୯ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି । ୯ ଜଣଙ୍କ ମଧ୍ୟରୁ ୭ ଜଣ କୁତ୍ରା ବ୍ଲକର ଖତକୁରବାହାଲ ଗ୍ରାମର ହୋଇଥିବା ବେଳେ ଆଉ ଜଣେ ସୁନ୍ଦରଗଡ଼ ସହରର ଓ ଅନ୍ୟ ଜଣେ ବୀରମିତ୍ରପୁର ଅଂଚଳର ବୋଲି ଜଣାପଡିଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଡେ଼ଙ୍ଗୁ ସଂକ୍ରମିତ ଅଂଚଳକୁ ଯାଇ ସଫେଇ ଅଭିଯାନକୁ ତ୍ୱରାନ୍ୱିତ କରିଛନ୍ତି । ଏଥିସହ ଜିଲ୍ଲାରେ ଡେ଼ଙ୍ଗୁ ସଚେତନତା ନେଇ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଛନ୍ତି।

## ବ୍ୟାଙ୍କ୍ ଗୁଡିକର ମିଶ୍ରଣ ପ୍ରତିବାଦରେ ଦୁଇ ଦିନିଆ ଧର୍ମଘଟ ୨୬ରୁ

ଭୁବନେଶ୍ୱର, ୧୩।୯(ପି.ଏନ): ବ୍ୟାଙ୍କ୍ ଗୁଡିକର ମିଶ୍ରଣକୁ ଅଲ୍ ଇଣ୍ଡିଆ ବ୍ୟାଙ୍କ୍ ଅଫିସରସ୍ ଆସୋସିଏସନ୍ ପକ୍ଷରୁ ବିରୋଧ କରାଯାଇଛି। ଏହାର ପ୍ରତିବାଦରେ ଆସନ୍ତା ୨୬ ଓ ୨୭ ତାରିଖରେ ଆନ୍ଦୋଳନ ଡାକରା ଦିଆଯାଇଛି। କେନ୍ଦ୍ର ସରକାର ଏହି ନିଷ୍ପତି ପୁର୍ନବିଚାର ନକଲେ ଆସନ୍ତା ନଭେମ୍ବର ମାସ ଦ୍ୱିତୀୟ ସପ୍ତାହରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଚାଲିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନା ଯୋଗ୍ୟ ଯେ ଗତ ଅଗଷ୍ଟ ୩୦ ତାରିଖରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦେଶର ୧୦ ଟି ବଡ ବ୍ୟାଙ୍କ୍ ର ମିଶ୍ରଣ କରି ୪ ଟି ବ୍ୟାଙ୍କ୍ କରାଯିବା ନେଇ ଘୋଷଣା କରିଥିଲେ।

## ଆଶା କର୍ମୀଙ୍କ ଜାଲ୍ ସାର୍ଟିଫିକେଟ ମାମଲା : ସିଡିଏମଓ କହିଲେ ରିପୋର୍ଟ ଆସିଲେ ହେବ କାର୍ଯ୍ୟାନୁଷ୍ଠାନ

କନ୍ଧମାଳ, ୧୩।୯(ପି.ଏନ): କନ୍ଧମାଳ ଜିଲ୍ଲାରେ ଜାଲ୍ ସାର୍ଟିଫିକେଟ ମାଧ୍ୟମରେ ଚାକିରୀ କରିଥିବା କର୍ମଚାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବର୍ତମାନ ଜାଲ୍ ସାର୍ଟିଫିକେଟ ମାଧ୍ୟମରେ ଶିକ୍ଷକ ଚାକିରୀ ହାତେଇଥିବାଙ୍କ ସଂଖ୍ୟା ବୃଦ୍ଧି ପାଇବା ଫଳରେ ଏନେଇ ଗଣଶିକ୍ଷା ବିଭାଗ ସଚିବଙ୍କ ନିର୍ଦ୍ଦେଶ ପ୍ରକାରେ ପ୍ରତି ବ୍ଲକରେ ବିଇଓ ମାନେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ସାର୍ଟିଫିକେଟ ଯାଂଚ କରୁଛନ୍ତି। କିଛି ଜାଲ୍ ଶିକ୍ଷକ ଭୟରେ ଚାକିରୀ ଛାଡି ଫେରାର୍ ହୋଇଯାଇଥିବା ବେଳେ କିଛି ଶିକ୍ଷକଙ୍କୁ ପ୍ରଶାସନ ଚାକିରୀରୁ ବହିଷ୍କୃତ ମଧ କରିଛି। ସେହିପରି ଜାଲ୍ ଜାତିଗତ ପ୍ରମାଣପତ୍ର ମାଧ୍ୟମରେ ଶହ ଶହ ଲୋକ ଚାକିରୀ କରୁଥିବା ନେଇ କାର୍ଯ୍ୟାନୁଷ୍ଠାନ ଦାବୀ କରି କୁଇ ସମାଜ ସମନ୍ୱୟ ସମିତି ମଧ ଗତ ୨୦୦୮ ରୁ ଆନ୍ଦୋଳନ କରିଆସୁଛି। ଏହାସତ୍ତ୍ୱେ ମଧ ଜାଲ୍ ସାର୍ଟିଫିକେଟ ଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଜାଲ୍ ସାର୍ଟିଫିକେଟଧାରୀ ନିର୍ଭୟରେ ପୁଣି ସରକାରୀ ଚାକିରୀ କରିବାକୁ ଆଗେଇ ଆସୁଛନ୍ତି। କନ୍ଧମାଳ ଜିଲ୍ଲାର ଚକାପାଦ ବ୍ଲକ ବ୍ରାହ୍ମଣପାଦ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ କାର୍ଯ୍ୟରତ ଜଣେ ଆଶାକର୍ମୀ ଜାଲ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଦାଖଲକରି ଚାକିରୀ କରୁଥିବା କଥା ସାମ୍ନାକୁ ଆସିଛି। ଏନେଇ ଜଣେ ସାମାଜିକ କର୍ମୀ ଆରଟିଆଇ ଯୋଗେ ହାସଲ କରିଥିବା ନକଲ କାଗଜପତ୍ରରୁ ଜଣାପଡିଥିଲା। ଏନେଇ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ଦାବୀ କରି ଲିଖିତ ଅଭିଯୋଗ ହେବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଘଟଣାର ତଦନ୍ତ କରି ସଂପୃକ୍ତ ଆଶାକର୍ମୀଙ୍କ ବିରୁଦ୍ଧରେ ଏଥିପାଇଁ କି ପଦକ୍ଷେପ ଗ୍ରହଣ କରାଯିବ ସେନେଇ ସରକାରଙ୍କୁ ଚିଠି ଲେଖିଥିବା ଜଣାପଡିଛି। ସରକାରଙ୍କ ନିକଟରୁ ଉତର ମିଳିବା ପରେ ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ଜରିଆରେ ଚାକିରୀ ହାତେଇଥିବା ଆଶାକର୍ମୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ସମୀର କୁମାର ଦାସ କହିଛନ୍ତି। ସଂପୃକ୍ତ ଆଶାକର୍ମୀଙ୍କ ନାମ ଭଗବତୀ ବେହେରା ହୋଇଥିବା ବେଳେ ସେ କୁଆଡେ ସରିତା ବେହେରା ନାମରେ ଜାଲ୍ ସାର୍ଟିଫିକେଟ ଦାଖଲ କରି ଚାକିରୀ କରୁଥିବା ଅଭିଯୋଗ ହୋଇଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାହାକୁ ହିଁ ଅପେକ୍ଷା।

## କିଟ୍ ଲ ସ୍କୁଲ୍‌ରେ ୭ମ ଜାତୀୟ ମୁଟ୍‌କୋର୍ଟ ପ୍ରତିଯୋଗିତା : ୧୦ସୂତ୍ରୀ ସଫଳତାର ମନ୍ତ୍ର ଦେଲେ ମୁଖ୍ୟ ବିଚାରପତି




ଭୁବନେଶ୍ୱର, ୧୩।୯(ପି.ଏନ): କିଟ୍ ଲ ସ୍କୁଲ୍‌ରେ ୭ମ ଜାତୀୟ ମୁଟ୍‌କୋର୍ଟ ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ୍ କଲ୍ପେଶ ସତ୍ୟେନ୍ଦ୍ର ଝାବେରୀ ଆଇନ୍ ଛାତ୍ରଛାତ୍ରୀଙ୍କୁ ୧୦ସୂତ୍ରୀ ସଫଳତାର ମନ୍ତ୍ର ଦେଇଛନ୍ତି । ଗୁରୁବାର ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଜଷ୍ଟିସ୍ ଝାବେରୀ କହିଲେ, ଜଣେ ଭଲ ଆଇନଜ୍ଞ ହେବାକୁ ହେଲେ ଆମକୁ ସର୍ବଦା ଆଇନ୍‌ର ଛାତ୍ର ଭାବେ ଭାବିବାକୁ ହେବ। ଆଇନ୍ କେବେ ସ୍ଥିର ନୁହେଁ- ତେଣୁ ଆମେ ଆଇନ୍‌ରେ ହେଉଥିବା ବିଭିନ୍ନ ପରିବର୍ତ୍ତନ ସହ ସର୍ବଦା ଯୋଡ଼ି ହୋଇ ରହିବା, ଇଂରାଜୀ ଭାଷା ଉପରେ ଦକ୍ଷତା ଅର୍ଜନ ଏବଂ ସମସ୍ତେ ବୁଝିଲା ଭଳି ଭାଷା ସତର୍କତାର ସହ ବ୍ୟବହାର, ମାମଲା ସଂପର୍କରେ ସବିଶେଷ ତଥ୍ୟ ଆହରଣ, ସମୟାନୁବର୍ତ୍ତିତା, ନିଷ୍ଠାପରତା, ଅଦାଲତର ସମ୍ମାନ ରକ୍ଷା, ପ୍ରତିପକ୍ଷ ପ୍ରତି ଭୟଭୀତ ନହେବା, ନିଜ ବୃତ୍ତି ପ୍ରତି ଉତ୍ସର୍ଗିକୃତ ମନୋଭାବ, ସଫଳତା ହାସଲ୍ ପାଇଁ କୌଣସି ସହଜ ରାସ୍ତା ନ ଆପଣାଇବା, ବୃତ୍ତିରେ ସର୍ବଦା ସତ୍ୟତା ଆଦି ୧୦ ସୂତ୍ରୀ ମନ୍ତ୍ର ଉପରେ ଗୁରୁତ୍ୱ ଦେଲେ ଜଣେ ସଫଳ ଆଇନଜ୍ଞ ହୋଇପାରିବ ବୋଲି ସେ କହିଥିଲେ। ସେ କହିଲେ, ଛାୟା ଅଦାଲତ ହେଉଛି ଆଇନ୍ ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହା ଦ୍ୱାରା ଆଇନ୍ ଛାତ୍ରଛାତ୍ରୀମାନେ ଆଇନଜ୍ଞ ଓ ବିଚାରପତିଙ୍କ ନିକଟରେ ସେମାନଙ୍କର ଯୁକ୍ତି ଉପସ୍ଥାପନ କରିବା ସହ ସେମାନଙ୍କଠାରୁ ଆଇନ୍ ବିଷୟରେ ଅଧିକ ଜ୍ଞାନ ଆହରଣ କରିବାର ସୁଯୋଗ ପାଇପାରିବେ। କାରଣ ବ୍ୟବହାରିକ ଜ୍ଞାନ ବ୍ୟତୀତ ପୋଥିଗତ ଜ୍ଞାନ ହେଉଛି ଆଲୋକ ବିହୀନ ଅଗ୍ନି ସଦୃଶ ବୋଲି ଜଷ୍ଟିସ୍ ଝାବେରୀ କହିଥିଲେ। କିଟ୍ ଲ ସ୍କୁଲ୍‌ର ନିର୍ଦ୍ଦେଶକ ପ୍ରଫେସର ଏସ୍ ସି ରାଇନା ସ୍ୱାଗତ ଭାଷଣ ଦେଇ କହିଲେ, କିଟ୍ ଜାତୀୟ ଛାୟା ଅଦାଲତର କଳେବର ପ୍ରତିବର୍ଷ ବୃଦ୍ଧି ପାଉଥିବା ବେଳେ ଆସନ୍ତା ବର୍ଷ ଏହାକୁ ଆନ୍ତର୍ଜାତିକସ୍ତରର କରାଯିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ସସ୍ମିତାରାଣୀ ସାମନ୍ତ, ଛାୟା ଅଦାଲତ ସୋସାଇଟିର ଅଧକ୍ଷ ପ୍ରଫେସର ପି. କେ. ସରକାର ଓ ଆବାହିକା ପ୍ରତିତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟରୁ ୪୭ଟି ଦଳ ଏଥିରେ ଅଂଶଗ୍ରହଣ କରିଥିବା ବେଳେ ୧୫ ତାରିଖରେ ପ୍ରତିଯୋଗିତାର ଫାଇନାଲ୍ ରାଉଣ୍ଡ ଅପ୍ ଅନୁଷ୍ଠିତ ହେବାକୁ ଥିବା। ପ୍ରତିଯୋଗିତାରେ ମୋଟ ପୁରସ୍କାର ରାଶି ୨ଲକ୍ଷ ଟଙ୍କା ରଖାଯାଇଛି। ଫାଇନାଲ୍ ରାଉଣ୍ଡ ଅପ୍‌ରେ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ଦେବବ୍ରତ ଦାଶ, ଆଡଭୋକେଟ୍ ଜେନେରାଲ୍ ଅଶୋକ ପରିଜା,ସାଂସଦ ତଥା ଉଚ୍ଚତମ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ପିନାକୀ ମିଶ୍ର ଓ ମହାରାଷ୍ଟ୍ର ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା ବିଶିଷ୍ଟ ଆଇନ୍ ବିଶାରଦ ଭବାନୀ ପ୍ରସାଦ ପଣ୍ଡା ବିଚାରକଭାବେ ଯୋଗଦେବେ। ଉଦ୍‌ଯାପନୀ ଉତ୍ସବରେ ଉଚ୍ଚତମ ନ୍ୟାୟାଳୟର ପ୍ରାକ୍ତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଥିବା ବେଳେ ସମ୍ମାନୀୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ଦେବବ୍ରତ ଦାଶ, ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଜଷ୍ଟିସ୍ ବି କେ ସାହାଲି, ଓଡ଼ିଶାର ପୂର୍ବତନ ଆଡ୍‌ଭୋକେଟ୍ ଜେନେରାଲ୍ ସୂର୍ଯ୍ୟ ପ୍ରସାଦ ମିଶ୍ର, ସାଂସଦ ତଥା ଉଚ୍ଚତମ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ପିନାକୀ ମିଶ୍ର ଏବଂ ମହାରାଷ୍ଟ୍ର ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶିଷ୍ଟ ଆଇନ୍ ବିଶାରଦ ଭବାନୀ ପ୍ରସାଦ ପଣ୍ଡା ପ୍ରମୁଖ ଯୋଗ ଦେବେ। ଏହି ଛାୟା ଅଦାଲତ ପ୍ରତିଯୋଗିତାରେ ଛନ୍ତି।

## ମରାମତି ହେଉନି ଦୁର୍ବଳ ବୈତରଣୀ ସେତୁ, ପୂର୍ତ୍ତ ବିଭାଗ ଚୁପ୍ : ବନ୍ଧା ହୋଇପଡିଛି ୬.୯୩ କୋଟି ଟଙ୍କାର ଫାଇଲ୍

ଭଦ୍ରକ, ୧୩।୯(ପି.ଏନ): ୧୯୯୮ ରେ ନିର୍ମାଣ କରିଥିବା ଗେମନ ଇଣ୍ଡିଆ ବ୍ରିଜ୍ କନଷ୍ଟ୍ରକସନ କଂପାନୀ ଚାନ୍ଦବାଲିର ବୈତରଣୀ ସେତୁ ୨୦୦୫ ଶେଷ ଆଡକୁ ନିର୍ମାଣ ଶେଷ ହୋଇଥିଲା। ଭଦ୍ରକ ଜିଲା ଓ କେନ୍ଦ୍ରାପଡା ଜିଲା ସହିତ ଏହି ସେତୁ ସଂପର୍କର ସେତୁ ରୂପେ ଛିଡା ହୋଇଥିଲା। ମାତ୍ର ୧୪ ବର୍ଷ ମଧ୍ୟରେ ଏହି ସେତୁ ରକ୍ଷଣା ବେକ୍ଷଣ ଅଭାବରୁ ଦୁର୍ବଳ ହୋଇ ଭୁଶୁଡି ଯିବାକୁ ବସିଛି। ଏହାର ଦୁଇଟି ସ୍କାମ୍ ଅତି ଦୁର୍ବଳ ଅବସ୍ଥାରେ ରହିଛି। ସେତୁ ଦବି ଯିବା ଆରମ୍ଭ କରିଥିଲା ୨୦୧୬ ମସିହା ଠାରୁ। ସେହିଦିନ ଠାରୁ ଦାବି ହୋଇ ଆସୁଥିଲା ତୁରନ୍ତ ଏହାର ମରାମତି ନକଲେ ଭଦ୍ରକ ଓ କେନ୍ଦ୍ରାପଡା ଜିଲାର ଏହି ସଂପର୍କ ସେତୁ ବିଚ୍ଛିନ୍ନ ହୋଇଯିବ। ଚାନ୍ଦବାଳି ବିଧାୟକ ବ୍ୟୋମକେଶ ରାୟ ଏଥିରେ ହସ୍ତକ୍ଷେପ କରି ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କୁ ଘଟଣାସ୍ଥଳକୁ ନେଇ ସର୍ଭେ କରିବା ପରେ ସେହି ସର୍ଭେ ଫାଇଲ୍ ଉପରେ ରାଜ୍ୟ ସରକାରଙ୍କ ମୋହର ଲାଗିଥିଲା ୨୦୧୮ ଅଗଷ୍ଟ ମାସରେ। ୬ କୋଟି ୯୩ ଲକ୍ଷ ୭୦ ହଜାର ଟଙ୍କାର ଅର୍ଥ ଏହି ବୈତରଣୀ ସେତୁ ମରାମତି ପାଇଁ ବରାଦ ହେଲା ବୋଲି ବିଭାଗୀୟ ଅଧିକାରୀ କହିଲେ। ଟର୍ଣ୍ଣ କି ପଦ୍ଧତିରେ ଏହା ମରାମତି କରାଯିବାକୁ ବନ୍ଦୋବସ୍ତ ହେଲା। ବିଡମ୍ବନା ହେଲା ବର୍ଷଟିଏ ପରେ ବି ଏହି ଫାଇଲ୍ ଆଗଉ ନାହିଁ। ଯେଉଁଥି ପାଇଁ ବୈତରଣୀ ସେତୁ ଆହୁରି ଦୁର୍ବଳ ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ ୧୯୯୨ ମସିହାରେ ଏହି ସେତୁ ନିର୍ମାଣ ପାଇଁ ତତ୍କାଳୀନ ପୂର୍ତ୍ତ ଓ ନଗର ବିଭାଗ ମନ୍ତ୍ରୀ ନଳିନୀ ମହାନ୍ତି ଓ ମନ୍ତ୍ରୀ ବୈରାଗୀ ଜେନା ଶୁଭ ଦେଇଥିଲେ। ଦୀର୍ଘ ଦିନ ପରେ ୧୯୯୮ ମସିହାରେ ଏହି ସେତୁ ନିର୍ମାଣ ଦାୟିତ୍ୱ ଦେଶର ପ୍ରମୁଖ ସେତୁ ନିର୍ମାଣକାରୀ ସଂସ୍ଥା ଗେମନ ଇଣ୍ଡିଆକୁ ଦିଆଯାଇଥିଲା। ୧୧ କୋଟି ୫୫ ଲକ୍ଷ ଟଙ୍କା ଅର୍ଥ ବରାଦ କରି ଏହି ସେତୁ ନିର୍ମାଣ ପାଇଁ ଚୁକ୍ତିନାମା କରାଯାଇଥିଲା। ୬ ଗୋଟି ସ୍କାମ୍ ବିଶିଷ୍ଟ ୨୮୭ ମିଟର ଲମ୍ବ ଏବଂ ୭.୫ ମିଟର ଚଉଡା ଯୁକ୍ତ ଏହି ସେତୁ ନିର୍ମାଣ ୭ ବର୍ଷ ଧରି ଚାଲିଲା। ୨୦୦୫ ଶେଷ ଆଡକୁ ଏହି ସେତୁ ନିର୍ମାଣ ସରିଲା। ଯେଉଁଥିରେ ଭଦ୍ରକ ଜିଲାର ଚାନ୍ଦବାଲି ବାସୀ କଟକ ଯିବା ପାଇଁ ୪୦ କିଲୋମିଟର ରାସ୍ତା ହ୍ରାସ ପାଇଲା। ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏହି ସେତୁ ସ୍କାମ୍ ତଳେ ଥିବା ଲୁହା ବିମ୍ ଗୁଡିକ ହଲିବାକୁ ଲାଗିଛି। ସେତୁ ଦବିଯିବାରୁ ବଡ ଧରଣର ଦୁର୍ଘଟଣା ଆଶଙ୍କା ଦେଖା ଦେଇଥିଲା। ରାଜ୍ୟରେ ବିଭିନ୍ନ ବ୍ରିଜ୍ ଭୁଶୁଡିବା ପରେ ସରକାରଙ୍କ ଚେତା ପଶିଥିଲା। ୨୦୧୭ ଅକ୍ଟୋବର ୯ ରେ ବିଧାୟକ ବ୍ୟୋମକେଶ ରାୟ ଏହି ସେତୁକୁ ସର୍ଭେ କରିବାକୁ ଟିମ୍ ନେଇ ଯାଇଥିଲେ। ୨୦୧୮ ଅଗଷ୍ଟ ୨୫ ତାରିଖ ଦିନ ଗେମନ ଇଣ୍ଡିଆ କଂପାନୀର ଦୁଇ ଜଣିଆ ଟିମ୍ ଚାନ୍ଦବାଲି ଗସ୍ତ କରି ସେତୁକୁ ତଦାରଖ କରିଥିଲେ। ସେତୁ ତଦାରଖ ପରେ ନିଜେ କରିଥିବା ପୂର୍ବ ନକ୍ସାକୁ କାଢି ପୁଣି ନୂତନ ନକ୍ସା ପ୍ରସ୍ତୁତ କରାଯାଇ ସରକାରଙ୍କ ନିକଟରେ ଦାଖଲ କରାଯାଇଥିଲା ଏଥିରେ ରାଜ୍ୟ ସରକାରଙ୍କ ମୋହର ଲାଗିବା ପରେ ୬ କୋଟି ୯୩ ଲକ୍ଷ ୭୦ ହଜାର ଟଙ୍କା ମଂଜୁର ହେବ ବୋଲି ବିଧାୟକ କହିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ୧୯୯୮ ରେ ସେତୁ ନିର୍ମାଣ ବେଳେ ଗେମନ୍ ଇଣ୍ଡିଆ କଂପାନୀ ୧୧ କୋଟି ୫୫ ଲକ୍ଷ ଟଙ୍କାର ସେତୁ ନିର୍ମାଣ ଚୁକ୍ତିନାମା କରି ସେତୁ ନିର୍ମାଣ ଆରମ୍ଭ କରିଥିବାବେଳେ ୨୦୦୫ ଶେଷ ବେଳକୁ ଏହା ୨୦ କୋଟି ଖର୍ଚ୍ଚର ତାଲିକା ରାଜ୍ୟ ସରକାରଙ୍କୁ ଧରାଇ ଥିଲେ। ୨୦ ବର୍ଷ ମଧ୍ୟରେ ୨୦ କୋଟିର ସେତୁ କାହିଁକି ଦବିଗଲା ତାହାର ତର୍ଜମା ଆବଶ୍ୟକ।










# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର କରାଗଲା ଜୟଲଳିତାଙ୍କ ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି । ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି । ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା । ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ । ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା । ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି । ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ । କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର । ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର । ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା । ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା । ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି । ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା । ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରତିଙ୍କୁ ବିବାହ କଲେ । ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ । 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ । ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ । ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ । ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଳାନ୍ତ ଅନୁଭବ କରି ନାହାନ୍ତି ।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## 'କଫି'ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି । ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି । ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ । ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ । ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ । ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ । କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର । ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା । ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା । କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ । ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା' । ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ । ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା । ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ । ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା' । କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ । ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା । ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର । ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ । ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା । ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା । ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର । କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି । କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ । ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା । ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା । ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ । ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା । ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା । ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି । ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ । ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୧୯, ସେପ୍ଟେମ୍ବର ୧୪

# ନିର୍ବାଚନ ସର୍ବେକ୍ଷଣର ଅସାରତା !

ନିକଟଅତୀତରେ ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନ ଓ ତା'ର ଫଳାଫଳ ଘୋଷଣା ପରେ ଦୁଇଟି ଦିଗ ଉଲ୍ଲେଖନୀୟ ମନେହୁଏ। ପ୍ରଥମ, ସାରହୀନ ନିର୍ବାଚନ ସର୍ବେକ୍ଷଣ ଓ ଦ୍ୱିତୀୟ, ବହୁ ସଂଖ୍ୟାରେ ମତଦାତାଙ୍କ ମତଦାନ, ଯେଉଁଠି ମହିଳାଙ୍କ ସଂଖ୍ୟା ପୁରୁଷଙ୍କଠାରୁ ଅଧିକ। ସମସ୍ତ ସର୍ବେକ୍ଷଣକାରୀ ସଂସ୍ଥା ଦାବି କରିଥାନ୍ତି ଯେ ଲୋକଙ୍କ ମତ ନେଇ ସର୍ବେକ୍ଷଣ କରାଯାଇଥିବାରୁ ସେମାନଙ୍କର ଅନୁମାନ ପୂରା ଠିକ୍ ହେବ; ମାତ୍ର ବିଗତ କେତୋଟି ନିର୍ବାଚନର ଫଳାଫଳ ଏହି ସର୍ବେକ୍ଷଣକାରୀ ସଂସ୍ଥାଗୁଡ଼ିକର ବିଶ୍ୱସନୀୟତା ଉପରେ ପ୍ରଶ୍ନଚିହ୍ନ ଲଗାଇ ଦେଇଛି; କାରଣ ସେମାନେ ଦେଉଥିବା ପରିସଂଖ୍ୟାନରେ ଆକାଶପାତାଳ ତଫାତ୍ ରହୁଛି। ଏଥର ମଧ୍ୟ ସର୍ବେକ୍ଷଣଗୁଡ଼ିକର ଫଳାଫଳ କେମିତି ଅସାର ଥିଲା, ତାହା ଜଣାପଡ଼ିଯାଇଛି। କିଏ ଉତ୍ତରପ୍ରଦେଶରେ ଏସ୍‌ପି-କଂଗ୍ରେସ ମେଣ୍ଟ ବହୁମତ ପାଇବ ବୋଲି ଆକଳନ କରିଥିଲାବେଳେ ଆଉ କିଏ ବିଜେପି ଆଗରେ ରହିବ ବୋଲି କହିଥିଲା। କୌଣସି ସର୍ବେକ୍ଷଣ ବିଜେପିକୁ ଏଭଳି ପ୍ରଚଣ୍ଡ ବହୁମତ ମିଳିବ ଏବଂ ଏସ୍‌ପି ଓ କଂଗ୍ରେସର ଦୁର୍ଗତି ହେବ ବୋଲି କହିନଥିଲା। ମତଦାତାଙ୍କ ମିଜାଜ୍ ଶେଷ ମୁହୂର୍ତ୍ତରେ ମଧ୍ୟ ବଦଳିପାରେ, ଏକଥା ସତ; ମାତ୍ର ଶେଷ ପର୍ଯ୍ୟନ୍ତ ମଧ୍ୟ ସର୍ବେକ୍ଷଣଗୁଡ଼ିକ ଉତ୍ତରପ୍ରଦେଶରେ ଝୁଲା ବିଧାନସଭା ହେବ ବୋଲି କଳନା କରିଥିଲେ ଓ କେହି ମଧ୍ୟ ବିଜେପିକୁ ବହୁମତ ମିଳିବା କଥା କହିନଥିଲେ। ସେହିପରି ପଞ୍ଜାବରେ କଂଗ୍ରେସ ଓ ଆମ୍ ଆଦ୍‌ମୀ ପାର୍ଟିକୁ ସମାନ ସଂଖ୍ୟକ ଆସନ ମିଳିବ ବୋଲି ସର୍ବେକ୍ଷଣ ଫଳାଫଳ ଦିଆଯାଇଥିଲା। କେତେକ ସର୍ବେକ୍ଷଣରେ ତ ଆପ୍ ସେଠାରେ ସରକାର ଗଢ଼ିବ ବୋଲି ଘୋଷଣା କରିଥିଲେ; ମାତ୍ର କଂଗ୍ରେସ ପାଇଁ ଆପ୍ ଯେ ଆଦୌ ଜଣେ ପ୍ରତିଦ୍ୱନ୍ଦ୍ୱୀ ହିଁ ନଥିବା କଥା ମତଦାତା ଜଣାଇଦେଲେ। କେତେକ ସର୍ବେକ୍ଷଣକାରୀ ସଂସ୍ଥା ଗୋଆରେ ମଧ୍ୟ ଆପ୍ ଆଗରେ ରହିବ ବୋଲି ଅନୁମାନ କରିଥିଲେ, ମାତ୍ର ସେଠାରେ ଆପ୍ ଖାତା ମଧ୍ୟ ଖୋଲିପାରିଲା ନାହିଁ। ମଜା କଥା ହେଉଛି, କେବଳ ମତଦାନ ପୂର୍ବର ନୁହେଁ, ମତଦାନ ପରର, ଅର୍ଥାତ ଏକ୍‌ଜିଟ୍ ପୋଲ୍‌ଗୁଡ଼ିକ ମଧ୍ୟ ଅନୁମାନ କରିବାରେ ଭୁଲ୍ କରିଥିଲା। ଏଥିରୁ ଏସବୁ ସର୍ବେକ୍ଷଣର ଅସାରତା ହିଁ ପ୍ରତିପାଦିତ ହୋଇଛି। ବିଡ଼ମ୍ବନା ହେଉଛି ସର୍ବେକ୍ଷଣଗୁଡ଼ିକ ଏହି ଦୟନୀୟ ଭାବେ ଭୁଲ୍ ପ୍ରମାଣିତ ହୋଇଚାଲିଥିଲେ ହେଁ ସେଥିପାଇଁ କେହି ଉତ୍ତରଦାୟିତ୍ୱ ନେବାକୁ ରାଜି ନୁହନ୍ତି, ବରଂ ପରବର୍ତ୍ତୀ ନିର୍ବାଚନରେ ପୁଣି ସର୍ବେକ୍ଷଣ କରାଯାଇ ସରଗରମ ହୋଇଉଠୁଛି।

ମତଦାତାମାନେ ଏଥିପ୍ରତି ସଚେତନ ହେବାର ଆବଶ୍ୟକତା ରହିଛି। ଏଥରର ନିର୍ବାଚନରେ ମତଦାନ ହାର ବୃଦ୍ଧି ଏକ ଗୁରୁତ୍ୱପୂର୍ଣ୍ଣ ଦିଗ; ବିଶେଷକରି ମହିଳାଙ୍କ ଭାଗିଦାରୀ ଉଲ୍ଲେଖଯୋଗ୍ୟ। ବିଶ୍ୱର ଅନ୍ୟ ଗଣତାନ୍ତ୍ରିକ ଦେଶଗୁଡ଼ିକରେ ଯୁବ ମତଦାତାଙ୍କ ମତଦାନ ହାର ବହୁତ କମ୍ ଥିବାବେଳେ ଆମ ଦେଶରେ ଏହା କ୍ରମଶଃ ବଢ଼ୁଥିବା ସ୍ୱାଗତଯୋଗ୍ୟ। ଉତ୍ତରପ୍ରଦେଶର ସାମାଜିକ ଜୀବନରେ ମହିଳାଙ୍କ ଉପସ୍ଥିତି ଅପେକ୍ଷାକୃତ କମ୍ ଥିବାବେଳେ ୨୦୧୨ ବିଧାନସଭା ନିର୍ବାଚନରେ ହିଁ ମହିଳାମାନେ ପୁରୁଷଙ୍କଠାରୁ ଆଗକୁ ଚାଲିଯାଇଥିଲେ। ସେହି ନିର୍ବାଚନରେ ମହିଳାଙ୍କ ମତଦାନ ହାର ପୁରୁଷଙ୍କଠାରୁ ୧.୭ ଶତାଂଶ ଅଧିକ ଥିଲା। ଏଥର ଏହା ବଢ଼ି ୪ ଶତାଂଶରେ ପହଞ୍ଚିଛି। ଏଥର ପୁରୁଷଙ୍କ ମତଦାନ ହାର ୫୯.୪୩% ଥିବାବେଳେ ମହିଳାଙ୍କ ସଂଖ୍ୟା ଥିଲା ୬୩.୨୬%। ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ମହିଳାଙ୍କ ମତଦାନ ହାର ବେଶି ରହିଛି। ପଞ୍ଜାବରେ ମହିଳାଙ୍କ ମତଦାନ ହାର ୭୮.୧୪% ଥିବାବେଳେ ପୁରୁଷଙ୍କ ଥିଲା ୭୬.୬୯%। ଉତ୍ତରାଖଣ୍ଡରେ ୬୯.୩୪% ମହିଳା ପୋଲିଂବୁଥ୍‌ରେ ପହଞ୍ଚିଥିବାବେଳେ ପୁରୁଷ ମତଦାନକାରୀଙ୍କ ସଂଖ୍ୟା ଥିଲା ୬୨.୨୮%। ଅଶାନ୍ତ ମଣିପୁରରେ ମଧ୍ୟ ମହିଳାମାନେ ବେଶି ସଂଖ୍ୟାରେ ମତଦାନ କରିଥିଲେ। ସେଠାରେ ୪୪% ପୁରୁଷ ଭୋଟ ଦେଇଥିବାବେଳେ ମହିଳାଙ୍କ ସଂଖ୍ୟା ଥିଲା ୪୭%। ଏହାକୁ ଏକ ବଡ଼ ଉପଲବ୍ଧି ବୋଲି କୁହାଯାଇପାରେ। ଏହାର ଶ୍ରେୟ ନିର୍ବାଚନ ଆୟୋଗଙ୍କର। ଆହୁରି ମଧ୍ୟ ମହିଳାଙ୍କ ମତଦାନ ହାର ବୃଦ୍ଧିରୁ ସେମାନଙ୍କ ଭିତରେ ଆଗକୁ ବଢ଼ିବାର ଇଚ୍ଛାଶକ୍ତି ଶକ୍ତିଶାଳୀ ହେଉଥିବା କଥା ଅନୁମେୟ। ତେବେ ରାଜନୈତିକ ସ୍ତରରେ ସେମାନଙ୍କୁ ଯେଭଳି ଗୁରୁତ୍ୱ ମିଳିବା କଥା, ତାହା ଏ ପର୍ଯ୍ୟନ୍ତ ଦିଆଯାଇନାହିଁ। ମହିଳାମାନଙ୍କୁ ଆହୁରି ସଶକ୍ତ ହେବାର ଆବଶ୍ୟକତା ରହିଛି। କେବଳ ମତଦାନ କରିଦେଲେ ହେବ ନାହିଁ, ନିଜର ନେତାମାନଙ୍କୁ ପରଖିବା ପାଇଁ ମଧ୍ୟ ମହିଳାମାନେ ଆଗକୁ ବାହାରନ୍ତୁ। ତାହା ହିଁ ଏକ ଭିନ୍ନ ରାଜନୈତିକ ସଂସ୍କୃତି ତିଆରିବା କ୍ଷେତ୍ରରେ ବଡ଼ ପଦକ୍ଷେପ ହେବ।

## ଆଜିର ଅନୁଚିନ୍ତା

ବାଲି ଯେପରି ରୁକ୍ଷ ଓ କର୍କଶ, ଅଶିଷ୍ଟ ମନୁଷ୍ୟ ସେହିପରି ରୁକ୍ଷ ଓ କର୍କଶ ହୋଇଥାଏ।

# ଯିଏ ଯେଝା ପାଇଁ ଲାଗିଲେ

ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ — କଳ୍ପବଟ....

ଆମେ ପୂଜାପାଠ, ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଗୁରୁଦ୍ୱାର ଆଦିକୁ ଗୁରୁତ୍ୱ ଦେଉ। ସେଇଠି ଉପାସନା କରୁ। ବାହାରକୁ ଆସିଲେ ଈଶ୍ୱରଙ୍କୁ ଅନୁଭବ କରୁନା। କିନ୍ତୁ ମନେରଖିବାକୁ ହେବ, ଈଶ୍ୱରଙ୍କୁ ଅନୁଭବ କରିବା ପାଇଁ ବାହ୍ୟ ଉପାସନା ପ୍ରାଥମିକ ସ୍ତର। ମନରେ ଉପାସନା ହିଁ ଶ୍ରେଷ୍ଠ ଉପାସନା। ଅନ୍ତର ଉପାସନାକୁ ଭିତ୍ତିକରି ମଣିଷର ଚିତ୍ତ ଶୁଦ୍ଧି ହୋଇଥାଏ। ବେଳେବେଳେ ସନ୍ଥ, ମୁଲ୍ଲା, ଫାଦର ଇତ୍ୟାଦିଙ୍କର ସ୍ଖଳନ ହୁଏ। ଏହାର ମୁଖ୍ୟ କାରଣ ହେଉଛି ସେମାନଙ୍କର ଚିତ୍ତ ଶୁଦ୍ଧି ହୋଇନଥାଏ। ଚିତ୍ତ ଶୁଦ୍ଧି ହେବା ପାଇଁ ବାହ୍ୟ ଆଡ଼ମ୍ବର ନୁହେଁ; ଅନ୍ତରରେ ଉପାସନାର ଆବଶ୍ୟକତା ଜରୁରୀ। କଂସର ବନ୍ଦୀଶାଳରେ ଭଗବାନ କୃଷ୍ଣ ଜନ୍ମନେଲେ। ଶିଶୁ ଜନ୍ମଦେଖି ବସୁଦେବ ଚିନ୍ତାକଲେ କିଛି ଗୋ-ଦାନ କରନ୍ତି; ଗଙ୍ଗାସ୍ନାନ ଭଳି ପୁଣ୍ୟକର୍ମ କରନ୍ତି। ହେଲେ ବନ୍ଦୀଗୃହରେ ଏ ସୁବିଧା କାହୁଁ ମିଳନ୍ତା ! ତେଣୁ ମୁହୂର୍ତ୍ତେମାତ୍ର ଆଖି ବୁଜିଦେଲେ। 'ମନରେ ଗଙ୍ଗାସ୍ନାନ କଲା। ଅୟୁତେ ଧେନୁ ଉତ୍ସର୍ଗିଲା ।।' ସେହିପରି ଆମେ ପୂଜା ପାଠ ପାଇଁ ଫୁଲଟିଏ ତୋଳୁଛୁ। ଫୁଲ ନଥିଲେ ଚୋରି କରୁଛୁ। ଯଜ୍ଞପାଇଁ ଶୁଦ୍ଧ ଘୃତ ପାଉନାହୁଁ। ଖରାପ ଘୃତରେ ଯଜ୍ଞକରି ବାୟୁମଣ୍ଡଳକୁ ଦୂଷିତ କରୁଛୁ। ପୂଜା-ଅର୍ଚ୍ଚନାରେ ଆମେ ନିଜେ ସିନା ଖୁସି ହେଉଛୁ, ହେଲେ ପରିବେଶ ଉପରେ କୁପ୍ରଭାବ ପଡୁଛି। ତେଣୁ ମାନସିକ ସ୍ତରରେ ପୂଜା କରିବାଦ୍ୱାରା ଚିତ୍ତଶୁଦ୍ଧି ହୁଏ। ସନ୍ଥ ସେଦିନ ଚିତ୍ତ ଶୁଦ୍ଧି ବିଷୟରେ ବୁଝାଇବାକୁ ଯାଇ ଶିଷ୍ୟମାନଙ୍କୁ କହିଲେ-ଠାକୁର ପୂଜା କରିବାକୁ ଗଲାବେଳେ ତୁମେ ନିରୋଳା ଘରେ ଠାକୁରଙ୍କ ବିଗ୍ରହ ସାମନାରେ ବସିଯାଅ। କିଛି ସମୟ ଆଖି ମୁଦିଦିଅ। ମନରେ ପୂଜା ଆରମ୍ଭକର। ମନରେ ଫୁଲବଗିଚାରେ ପହଞ୍ଚିଯାଅ। ମନମାଫିକ୍ ଫୁଲ ତୋଳିଆଣ। ଠାକୁରଙ୍କୁ ମନ ମୁତାବକ ଲୁଗାପିନ୍ଧାଅ, ଫୁଲଚଢ଼ାଅ। ଭାବନା ସ୍ତରରେ କେବଳ ଉପାସନା କରିଚାଲ। ପ୍ରାଥମିକ ସ୍ତରରେ ମନ ଇତସ୍ତତଃ ହେବ। ଅଡୁଆତଡୁଆ ଲାଗିବ। କିଛି ଦିନ ଅଭ୍ୟାସ କର। ଦେଖିବ ମାନସ ପୂଜାରେ ଖୁବ୍ ଶାନ୍ତି ମିଳିବ। ମାନସ ପୂଜା ହେଉଛି ଧ୍ୟାନର ଗୋଟିଏ ଅଂଶ। ତୁମେ ବାହାରେ ପୂଜା କରିବାକୁ ଗଲାବେଳେ ମନ ଅନ୍ୟ କ'ଣ ଭାବୁଛି। ଶରୀର ଯାହା କରୁଛି ମନ ତାହା କରୁନି। ତୁମେ ଠାକୁରଙ୍କୁ ଫୁଲ ଦେଉଛ, ମନରେ ଅନ୍ୟକାହା ସହିତ କଥା ହେଉଥିବ। ଏମିତି ଉପାସନା ତାଙ୍କ ପାଖରେ ପହଞ୍ଚିବନାହିଁ। ଫୁଲ ନଦେଇ ଯଦି କେବଳ ମନରେ ଫୁଲଟିଏ ଅର୍ପଣ କର, ସେହି ଫୁଲରେ ତାଙ୍କର ଅତି ଆଦର। ଗଛ ତାଙ୍କର। ଫୁଲ ତାଙ୍କର। ତୁମେ ବି ତାଙ୍କର। ତାଙ୍କରି ଫୁଲକୁ ଗଛରୁ ଛିଣ୍ଡାଇ, ଗଛର ସୌନ୍ଦର୍ଯ୍ୟ ନଷ୍ଟକରି ଠାକୁରଙ୍କୁ ଲଗେଇଲେ ସେ ସତରେ କ'ଣ ଖୁସି ହେଉଥିବେ ? ଫୁଲ ଦେବା ହେଉଛି ତାଙ୍କୁ ମନ ଦେବାର ମାଧ୍ୟମ। ଫୁଲର ଅନ୍ୟ ନାମ ସୁମନ, ଅର୍ଥାତ ସୁ-ମନ। ଫୁଲ ମାଧ୍ୟମରେ ତାଙ୍କୁ ମନ ଦିଅ; କିନ୍ତୁ ତୁମେ ଫୁଲ, ପତ୍ର, ଜଳ, ଭୋଗ, ଦୀପ, ପ୍ରାର୍ଥନା, ସବୁ ତାଙ୍କ ପାଖରେ ଅଜାଡ଼ି ଦେଉଛ। ମନ ଦେଇପାରୁନା। ମନରେ ଉପାସନା ଅଭ୍ୟାସ କର। ଅବାଟରେ ଯାଇପାରିବ ନାହିଁ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଆପଣା ହସ୍ତେ ଜିହ୍ୱା ଛେଦି...



ନିରୋଳା ନିଜକଥା-୩୨

ସୌମ୍ୟଶ୍ରୀ ପାଣିଗ୍ରାହୀ

ଆଉ ସେଠି ଶୁଭିବନି ଶବ୍ଦ। ଦର୍ଶକଙ୍କ କରତାଳି ଓ ଫୁଟ୍‌ବଲ୍ ପାଗଳ ଉନ୍ମାଦ ଚିତ୍କାରରେ ଦିନେ ଫାଟି ଉଠୁଥିବା ଅଷ୍ଟ୍ରିଆର କ୍ଲାଗେନ୍‌ବର୍ଗ ସହରର ୱ୍ୱର୍ଥରସେ ଷ୍ଟାଡିଅମ୍‌ରେ ଏବେ ଶାନ୍ତିର ବାତାବରଣ। କ'ଣ ଏମିତି ହେଲା ଯେ, ୧୯୭୦ରେ ନିର୍ମିତ ଏଇ କ୍ରୀଡ଼ାଙ୍ଗନଟି ପାଲଟିଗଲା ଶବ୍ଦଶୂନ୍ୟ ଆପଣ ଜାଣିଲେ ନିଶ୍ଚୟ ଆଶ୍ଚର୍ଯ୍ୟ ହୋଇଯିବେ। ସ୍ୱିଜରଲାଣ୍ଡର ଚିତ୍ରକର କ୍ଲାସ୍ ଲିଟମାନ, ଏମିତି କିଛି ପରିବର୍ତ୍ତନ କରିଛନ୍ତି ଯେ, ଏବେ ସେ ଷ୍ଟାଡିୟମ୍‌କୁ ଲୋକ ତ' ଆସିବେ ଆଗଭଳି; ମାତ୍ର ଖେଳ ଦେଖିପାରିବେନି। ଆଜ୍ଞା ହଁ, ସେ ଷ୍ଟାଡିୟମ ଭିତରେ ହିଁ ଲଗେଇଛନ୍ତି ୩୦୦ରୁ ଊର୍ଦ୍ଧ୍ୱ ବୃକ୍ଷ। ଛୋଟମୋଟ ଗଛ ନୁହେଁ, ପ୍ରାୟ ସବୁତକ ଗଛ ୫୦ ଫୁଟରୁ ଅଧିକ ଉଚ୍ଚ। ଏଇ ଗଛଗୁଡ଼ିକ ବଡ଼ ହେବାପାଇଁ ଲାଗିଛି ୨୦ ବର୍ଷରୁ ଅଧିକ ସମୟ। ଏବେ ଏଇ କୃତ୍ରିମ ଜଙ୍ଗଲରେ ବିଭିନ୍ନ ପ୍ରକାର ଚଢ଼େଇ ଓ ପ୍ରଜାପତି ବି ରହିବା ଆରମ୍ଭ କରିଛନ୍ତି।

ସେ ଏହାକୁ ଏକ କଳାତ୍ମକ ପ୍ରକଳ୍ପ ଭାବେ ଆରମ୍ଭ କରିଥିଲେ। ଏଇ ସେପ୍ଟେମ୍ବର ୮ରେ ଯେତେବେଳେ ଦର୍ଶକଙ୍କ ପାଇଁ ଷ୍ଟାଡିୟମର ଦ୍ୱାର ଉନ୍ମୁକ୍ତ ହେବ, ସେମାନେ ଦେଖିବେ ଏଇ ଗଛମାନଙ୍କୁ। ଚିତ୍ରକରଙ୍କ କହିବା କଥା, ଆମେ ଏମିତି ଏକ ସମୟରେ ଆସି ପହଞ୍ଚିଯାଇଛୁ, ଯେଉଁଠି ପିଲାମାନେ ଗଛ କ'ଣ ଜାଣିନାହାନ୍ତି। ଆଗକୁ ଆହୁରି ସମୟ ଆସିବ, ଯେତେବେଳେ ପୃଥିବୀର ପ୍ରତିଟି ଜନବସତି ନିକଟରେ ଅଳ୍ପକିଛି ଗଛ ଲଗାଯିବ, ଯାହାକୁ ଲୋକମାନେ ପଇସା ଦେଇ ଦେଖିବାକୁ ଆସିବେ। ସମସ୍ତେ ମୁହଁରେ ଅକ୍ସିଜେନ୍ ମାସ୍କ ପିନ୍ଧିଥିବେ, କାରଣ ଗଛ ଆଉ ନଥିବ ପୃଥିବୀରେ। ପ୍ରକୃତିକୁ ଆମେ ଯେଉଁଭଳି ନଷ୍ଟ କରିଚାଲିଛୁ, ଭବିଷ୍ୟତର ଏପରି ଭୟାନକ ପରିକଳ୍ପନା ଆଉ ଅବାସ୍ତବ ହୋଇ ରହିବ ନାହିଁ।

ଗତ କିଛିଦିନର ଘଟଣାକ୍ରମ ବିଷୟରେ ହୁଏତ ଆପଣମାନେ ଅବଗତ ଥିବେ, ବିଶ୍ୱର ଫୁସ୍‌ଫୁସ୍ ନାମରେ ପରିଚିତ ଦକ୍ଷିଣ ଆମେରିକାର ଆମାଜନ ନଦୀ ଅବବାହିକାରେ ନିଆଁ ଲାଗିଛି। ହଁ ପ୍ରାୟ ୧୦,୦୦୦ ବର୍ଗ କିଲୋମିଟର ଅଞ୍ଚଳରେ ଭୀଷଣ ନିଆଁ ଜଳୁଛି ହୁତହୁତ ହୋଇ। ଏଇ ଜଙ୍ଗଲରେ ନିଆଁ ଲଗେଇ କିଛି ଅଂଶକୁ ପୋଡ଼ି ଚାଷଜମି ବନେଇ ଫସଲ ଉପୁଜେଇବା, ସେଠାକାର ଅଧିବାସୀ ମାନଙ୍କର ପୁରୁଣା ପରମ୍ପରା। ମାତ୍ର ଏଥର ଲମ୍ବା ଖରାଦିନ ସାଙ୍ଗକୁ ବିଭିନ୍ନ ଅଞ୍ଚଳରେ ଅବିଚାରିତ ନିଆଁ ଲଗାଇବା ଫଳରେ ବଣର ନିଆଁ ହୁତହୁତ ହୋଇ ମାଡ଼ିଚାଲିଲା ଆଗକୁ। ଅବସ୍ଥା ଏପରି ହେଲା ଯେ ହେଲିକେପ୍ଟର ମାଧ୍ୟମରେ ପାଣି ଛଟାଗଲା। ଗୋଟେ ନୁହେଁ, ପୂରା ୭ଟି ଦେଶର ଦମକଳ ବାହିନୀ ଏକାସାଙ୍ଗରେ ଲାଗିପଡ଼ିଲେ ଏହି ଜଙ୍ଗଲର ନିଆଁକୁ ଆୟତ୍ତ କରିବା ପାଇଁ।

ଗଣମାଧ୍ୟମରେ ଏହି ଖବର ସାଙ୍ଗକୁ ହୃଦୟବିଦାରକ ଫଟୋମାନ ଆସିବାକୁ ଲାଗିଲା। ବନ୍ୟଜନ୍ତୁମାନେ ପୋଡ଼ି-ଯାଉଥିବାର ଦୃଶ୍ୟ ଅନେକଙ୍କୁ ବ୍ୟଥିତ କଲା। ଶେଷରେ ଗତ ସପ୍ତାହରେ ସେହି ଆମାଜନ ଅବବାହିକାରେ ଏକ ଆଦିମ ଅଧିବାସୀ କୁଡ଼ିଆରେ ଏକତ୍ରିତ ହେଲେ ୭ଟି ଦେଶର ରାଷ୍ଟ୍ରମୁଖ୍ୟମାନେ। ବ୍ରାଜିଲ, ଇକେ୍ୱଡର, ପେରୁ, ସୁରିନାମ, ଗୁୟାନା, କଲମ୍ବିଆ ଓ ବଲିଭିଆ ଆଦି ରାଷ୍ଟ୍ରର ନେତୃବୃନ୍ଦ ଆମାଜନ ଅବବାହିକାରେ ଚଳିତ ବର୍ଷ ହୋଇଥିବା ୮୪,୦୦୦ଟି ଅଗ୍ନିକାଣ୍ଡ ପାଇଁ ନିଜକୁ ଦାୟୀ କରିବା ସହ ତୁରନ୍ତ ଏହାର ପ୍ରସାରକୁ ରୋକିବାର ସମସ୍ତ ପ୍ରୟାସ କରିବାର ପ୍ରତିଶ୍ରୁତି ସହ ବିଦାୟ ନେଲେ। ମାତ୍ର ଏସବୁ ସମ୍ମିଳିତ ପ୍ରଚେଷ୍ଟା ସତ୍ତ୍ୱେ ମଧ୍ୟ ନିଆଁ ଆୟତ୍ତ ହୋଇପାରିଲା ନାହିଁ। କିନ୍ତୁ ପ୍ରକୃତିର ବୈଚିତ୍ର୍ୟ ଦେଖନ୍ତୁ ! ଗତ ମଙ୍ଗଳବାର ଦିନ ବର୍ଷା ହେଲା। ଏପରି ବିସ୍ତୃତ ଅଞ୍ଚଳରେ ଏତେ ପରିମାଣର ବର୍ଷା ଗତ ଦଶନ୍ଧି ଭିତରେ ହୋଇ ନ ଥିଲା। ଆଉ କିଛି ହେଉ କି ନ ହେଉ, ଅନ୍ତତଃ ଜଙ୍ଗଲର ନିଆଁ ସମ୍ପୂର୍ଣ୍ଣରୂପେ ଲିଭିଯାଇଛି। ପ୍ରକୃତିର ନିଜକୁ ନିଜେ ସଜାଡ଼ିବାର ଉଦ୍ୟମ ଯେତିକି ଆଶ୍ଚର୍ଯ୍ୟଜନକ, ସେତିକି ଅବିଶ୍ୱାସ୍ୟ। ଏକବିଂଶ ଶତାବ୍ଦୀର ବୈଜ୍ଞାନିକ ପ୍ରଚେଷ୍ଟା ଓ ପ୍ରଯୁକ୍ତି ବିଦ୍ୟା ଯାହା କରି ନ ପାରିଲା, ପ୍ରକୃତିର ସାମାନ୍ୟ ଉଦ୍ୟମ ତାହା କରି ଦେଖାଇଦେଲା। ଏହା ବିଚିତ୍ର ନୁହେଁ କି ?

ଏଇଠି ସାମ୍ନାକୁ ଆସିଛି ଆଉ ଏକ ପର୍ଯ୍ୟାବରଣ ସମ୍ବନ୍ଧିତ ଖବର। ଆମେରିକାର ସର୍ବବୃହତ୍ ଜାତୀୟ ଉଦ୍ୟାନ, ୟେଲୋଷ୍ଟୋନ ନ୍ୟାସନାଲ ପାର୍କକୁ ଆଗ୍ନେୟ ଉଦ୍‌ଗୀରଣ ଯୋଗୁଁ ବନ୍ଦ କରିବାକୁ ପଡ଼ିଛି ସାମୟିକ ଭାବେ। ଏହାର ମଧ୍ୟଭାଗରେ ଥିବା ନୋରିସ ହ୍ରଦର ନିମ୍ନ ଚଟାଣ ଧସି, ସେଥିରୁ ତରଳ ଲାଭା ନିର୍ଗତ ହୋଇ ପାଣିରେ ମିଶି ଅନେକ ଜଳଜୀବ ମରିସାରିଲେଣି। ଏହା ଭବିଷ୍ୟତର ଆହୁରି କିଛି ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଆଡ଼କୁ ଦିଶାନିର୍ଦ୍ଦେଶ କରୁନାହିଁ କି?

ବାସ୍ତବରେ, ପ୍ରକୃତି ନିଜର ପ୍ରକୋପ ଦେଖେଇବା ଆରମ୍ଭ କରିଛି। ମଣିଷର ପରିବେଶ ପ୍ରତି ଅବିଚାରିତ ଅତ୍ୟାଚାରର ଫଳ ହେଉଛି ପୃଥିବୀରେ ଦେଖାଦେଉଥିବା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ। ବିଶ୍ୱତାପାୟନ (Global Warming) ଓ ବାୟୁ ପ୍ରଦୂଷଣ ସମସ୍ୟା ବଢ଼ିଚାଲିଥିବା ବେଳେ ପ୍ରାକୃତିକ ସମ୍ପଦର ଅତ୍ୟଧିକ ଖନନ/ବୃକ୍ଷ ନଷ୍ଟ/ଶବ୍ଦ ପ୍ରଦୂଷଣ ସାଙ୍ଗକୁ ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ତଥା ପୃଥିବୀର ପ୍ରାକୃତିକ ସନ୍ତୁଳନକୁ ବିଗାଡ଼ିବାରେ ଲାଗିଛି ମଣିଷ। ପ୍ରକୃତି ମଧ୍ୟ ବେଳେବେଳେ ନିଜ ବାଗରେ ଦାଉ ସାଧୁଛି। ଝଡ଼, ବାତ୍ୟା, ଭୂମିକମ୍ପ, ସୁନାମୀ, ଅନାବୃଷ୍ଟି ଯୋଗୁଁ ମରୁଡ଼ି, ପୁଣି ଅତିବୃଷ୍ଟି ଯୋଗୁଁ ବନ୍ୟା, ହିମସ୍ଖଳନ ଆଦି ଆଉ କ'ଣ କି ? ପ୍ରକୃତିର କ୍ରୋଧର ପରିପ୍ରକାଶ ମାତ୍ର।

ଏବେବି ସମୟ ଅଛି। ଆମେ ପ୍ରକୃତିକୁ ସମ୍ମାନ ଦେଇ ବଞ୍ଚେଇବାର ପ୍ରଚେଷ୍ଟା କଲେ ହିଁ, ନିଜେ ବଞ୍ଚିବାର ସମ୍ଭାବନା ସୃଷ୍ଟି କରିପାରିବା। ଯଦି ବିଜ୍ଞାନ ବଳରେ ବଳୀୟାନ ହୋଇ ନିଜ ଗୋଡ଼ରେ କୁରାଢ଼ୀ ମାରିବାର ଅପଚେଷ୍ଟା କରିବସିବା, ତା'ହେଲେ କେବଳ ଏତିକି ହିଁ କୁହାଯାଇପାରିବ- ''ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତା'ର ପ୍ରତିବାଦୀ।''

-ଛାଇ, ଜଗନ୍ନାଥ ବିହାର, ଭଦ୍ରକ
ଫୋନ୍-୭୦୦୮୭୦୧୧୬୧

# ପାରିବାରିକ ଜୀବନର ବିଶୃଙ୍ଖଳା ଆଚରଣ

----------ପ୍ରଭାକର ମଲ୍ଲିକ----------

ସାଧାରଣ ଭାବରେ ଆମେ ଦେଖୁଛୁ ଯେ ପରିବାର, ସମାଜ ତଥା ଦେଶ ଦେଶାନ୍ତରରେ ହିଂସା ଖୁବ୍ ବ୍ୟାପକ ହୋଇଛି। ପରିବାରରେ ସ୍ୱାମୀ-ସ୍ତ୍ରୀ, ଶାଶୂ-ବୋହୂ, ପିଲାଛୁଆ ଅବା ଅନ୍ୟାନ୍ୟ ସଦସ୍ୟବୃନ୍ଦ ଅଧିକାଂଶ ସମୟ ପ୍ରତିକ୍ରିୟାଶୀଳ ହୋଇ ଉଠୁଛନ୍ତି। ବାପାମା' ବା ଗୁରୁଜନଙ୍କ ଦେଖାଦେଖି କେତେକ ପିଲା ମଧ୍ୟ ନିଜର କୌଣସି ଉଦ୍ଦେଶ୍ୟ ପୂରଣ ନ ହେବା ହେତୁ ତତ୍‌କ୍ଷଣାତ ହିଂସାତ୍ମକ ପ୍ରତିକ୍ରିୟା ଦେଖାଇବା ସହ ଅନ୍ୟର ଓ ନିଜର କ୍ଷତି କରିବାକୁ ପଛାଉନାହାନ୍ତି। ପିତାମାତା ବା ଶିକ୍ଷକ ଶିକ୍ଷୟିତ୍ରୀଙ୍କଠାରୁ ବା ନିଜ କୃତିର କିଛି ବିଫଳତା ହେତୁ ବେଳେବେଳେ କେହି ପୁଅଝିଅମାନେ ଆତ୍ମହତ୍ୟାର ଚରମ ପଦକ୍ଷେପ ନେଉଛନ୍ତି। ଏ ପ୍ରକାର ଆକସ୍ମିକ କ୍ରୋଧୀ ମନକୁ ଶାନ୍ତ କରିବାର ଛୋଟ ପ୍ରୟାସଟି କରାଯାଇପାରେ। ଏହି ସନ୍ଧିକ୍ଷଣରେ ସଚେତନ ହୋଇ ଏକଠାରୁ ଦଶ ପର୍ଯ୍ୟନ୍ତ ବା ଅଧିକ କ୍ରମିକ ସଂଖ୍ୟା ଗଣନ୍ତୁନା ! ତା'ପରେ ହୁଏତ ଉଗ୍ର କ୍ରୋଧ ପ୍ରଶମିତ ହୋଇଯିବ। ଏହା ଏକ କ୍ଷୁଦ୍ର ଅଥଚ ବିନୀତ ପରାମର୍ଶ ! ମୋଟ ଉପରେ ଆଜିକାଲିକା ପାରିବାରିକ ଜୀବନର ବିଶୃଙ୍ଖଳା ଆଚରଣ ବା ପିତାମାତାଙ୍କ ସାମାଜିକ ଜୀବନର ବ୍ୟତିକ୍ରମକୁ ଦେଖି କେତେକ ପିଲା ବିପଥଗାମୀ ହେଉଛନ୍ତି। ପ୍ରକୃତରେ 'ଆଜିର ପିଲା କାଲିର ଗୁରୁତ୍ୱପୂର୍ଣ୍ଣ ନାଗରିକ' କଥାଟି ପରିବାରର ଶିକ୍ଷା, ସଂସ୍କାର ଓ ପରିବେଶ ଉପରେ ନିର୍ଭର କରୁଛି। ଆମେ ଆଜି ସମାଜର ବିଭିନ୍ନ ସ୍ତରରେ ଅର୍ଥାତ ରାଜନୀତିରେ, ଚାକିରୀବାକିରି କ୍ଷେତ୍ରରେ, ଶିକ୍ଷା, ଚିକିତ୍ସା, ସମାଜସେବା ଅବା ଗଣମାଧ୍ୟମରେ ଟିଭି. ସିନେମା, କଳା ସଂସ୍କୃତି ବା ଅନ୍ୟାନ୍ୟ ଭୂମିକାରେ ସକ୍ରିୟ ଥିବା ବ୍ୟକ୍ତିବିଶେଷଙ୍କୁ ଦେଖୁଛନ୍ତି। ସେମାନଙ୍କ ମଧ୍ୟରୁ କେହି କେହି ହିଂସାର ଭିନ୍ନ ସ୍ୱରୂପ ଅନ୍ୟାୟ, ଅନୀତି, ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ରାଜନୀତି କ୍ଷେତ୍ରରେ ସରକାରୀ ଓ ବିରୋଧୀ ଦଳମାନଙ୍କ ମଧ୍ୟରେ ଅଧିକ ହିଂସ୍ର ଆଚରଣ ଦେଖାଦେଉଛି। ଏସବୁ ଦଳ ଅନ୍ୟର ଜନପ୍ରିୟତାକୁ ବରଦାସ୍ତ କରୁନାହାନ୍ତି। ସେମାନେ ପରସ୍ପରର ନେତା ବା ସେମାନଙ୍କ କାର୍ଯ୍ୟକ୍ରମକୁ ହିଂସ୍ର ଆଚରଣ ପ୍ରଦର୍ଶନ କରୁଛନ୍ତି ଓ ପରସ୍ପର ପ୍ରତି ଅରୁଚିକର ଉତ୍ତେଜକ ଭାଷା ପ୍ରୟୋଗ କରୁଛନ୍ତି। ଏସବୁର ଦୃଷ୍ଟାନ୍ତ ଆଜି ଗଣମଧ୍ୟମ ଖବରକାଗଜ, ଟିଭି, ରେଡିଓ ପ୍ରଭୃତିରେ କ୍ରମାଗତ ପ୍ରଦର୍ଶିତ ହେଉଛି। ଅଧିକନ୍ତୁ ଏହି ପ୍ରକାର ହିଂସ୍ର ଆଚରଣ ହେତୁ ଆମେ ଚୋରି, ଡକାୟତି, ମାରପିଟ, ହତ୍ୟା, ବଳାତ୍କାର ପ୍ରଭୃତି ନକାରାତ୍ମକ କାର୍ଯ୍ୟକୁ ଦୈନନ୍ଦିନ ଜୀବନରେ ଅଧିକ ବ୍ୟାପକ ଭାବରେ ସାମ୍ନା କରୁଛନ୍ତି। ଏବେକାର ଚଳଚ୍ଚିତ୍ର, ଧାରାବାହିକ, ଯାତ୍ରା ପ୍ରଭୃତିରେ ଯୁବତୀଙ୍କୁ 'କାଷ୍ଟିଂ କାଉଚ୍' କରାଯାଉଥିବାର ଅନେକ ଅଭିଯୋଗ ଆସିଛି। କେତେକ ସିନେବ୍ୟକ୍ତିତ୍ୱ ସଫେଇ ଦେଇ କହିବାକୁ ପଛାଉନାହାନ୍ତି ଯେ ଅପ୍ରକାଶ୍ୟ ଭାବରେ ଏ ପ୍ରକାର ଲୋଭନୀୟ କୁକାର୍ଯ୍ୟ ଅଳ୍ପବହୁତେ ରାଜନୀତି, ଚାକିରିକ୍ଷେତ୍ର ଆଦିରେ ମଧ୍ୟ ରହିଛି। କହିବା ବାହୁଲ୍ୟ ମୂଳ ପାରିବାରିକ ଶିକ୍ଷା, ଶୃଙ୍ଖଳା, ସଂସ୍କାରରେ ବ୍ୟତିକ୍ରମ ହେତୁ ମଣିଷ ବିଭିନ୍ନ କ୍ଷେତ୍ରରେ ହିଂସ୍ର, ଅସାମାଜିକ ଆଚରଣ ଦେଖାଉଛି। ସେ ସନ୍ତ୍ରାସବାଦୀ ସାଜୁଛି। ଆଇଏସ୍‌ଆଇଏସ୍, ଲସ୍କର ଇ-ତୋଇବା, ଅଲକାଇଦା ପ୍ରଭୃତି ଆତଙ୍କବାଦୀ ସଂଗଠନରେ ଯୁବକଯୁବତୀମାନେ ସାମିଲ ହେଉଛନ୍ତି। ବିଭିନ୍ନ ପ୍ରକାର ବିଫଳତା, ହତାଶାବୋଧ, ଧାର୍ମିକ ମୌଳବାଦ ଆଦିର ପ୍ରଭାବ ଏମାନଙ୍କ ଉପରେ ପଡୁଛି। ଏମାନେ ବିଭିନ୍ନ ସ୍ଥାନରେ ନିରୀହ ଜନତା ଉପରେ ବୋମା ବିସ୍ଫୋରଣ, ଆତ୍ମଘାତୀ ଆକ୍ରମଣ ଆଦି ଧ୍ୱଂସାତ୍ମକ କାର୍ଯ୍ୟ କରିଚାଲିଛନ୍ତି। ତେବେ ଏଥିରୁ ରକ୍ଷାପାଇବାକୁ ହେଲେ ଆମକୁ ମନୀଷୀମାନଙ୍କ ଅହିଂସା ମନ୍ତ୍ରକୁ ଆପଣାଇବାକୁ ହେବ। ଏ ଦିଗରେ ଗୌତମବୁଦ୍ଧ, ମହାବୀର ଜୈନ, ଯୀଶୁଖ୍ରୀଷ୍ଟ, ମହାତ୍ମାଗାନ୍ଧୀ ପ୍ରମୁଖଙ୍କ ଅହିଂସା ଆଚରଣକୁ ବାରମ୍ବାର ସ୍ମରଣ କରିବା ଓ ଏହାର ପ୍ରଭାବକୁ ଆମର ପାରିବାରିକ, ସାମାଜିକ, ରାଜନୈତିକ, ସାଂସ୍କୃତିକ ଜୀବନଧାରା ଉପରେ ପରୀକ୍ଷାନିରୀକ୍ଷା କରିବା ଜରୁରୀ। ସମ୍ଭବତଃ ଏହାଦ୍ୱାରା ମଣିଷ ସମାଜ କେତେକ ପରିମାଣରେ ହିଂସ୍ର ଆଚରଣକୁ ଦୂରେଇ ଶାନ୍ତିର ସନ୍ଧାନ କରିବ। ଗୌତମ ବୁଦ୍ଧ କହୁଥିଲେ-'ଅହିଂସା ପରମଧର୍ମ'। ତାଙ୍କ ଅହିଂସା ମାର୍ଗରେ ପ୍ରଭାବିତ ହୋଇ ପ୍ରବଳ ପ୍ରତାପୀ ସମ୍ରାଟ ଚଣ୍ଡାଶୋକ ଧର୍ମାଶୋକରେ ପରିବର୍ତ୍ତିତ ହୋଇଥିଲେ। ସେହିପରି ମହାବୀର ଜୈନ ମଧ୍ୟ 'ଜୀବହିଂସା, ଜୀବ ହତ୍ୟା ମହାପାପ' ବୋଲି ପ୍ରଚାର କରି ମଣିଷ ଜାତିକୁ ଅହିଂସାର ମାର୍ଗ ଦେଖାଇଛନ୍ତି। ଯୀଶୁଖ୍ରୀଷ୍ଟ କହୁଥିଲେ, ତୁମେ ଅନ୍ୟ ସମସ୍ତଙ୍କୁ ନିଜଭଳି ଭଲପାଅ। ଅନ୍ୟ ଜଣେ ତୁମ ପ୍ରତି ହିଂସା କଲେ ତୁମେ କଦାପି ପ୍ରତିହିଂସାପରାୟଣ ହୁଅନା। ଭଲ ପାଇ ତାକୁ ଜୟ କର। ସର୍ବୋପରି ଯୁଗଜନ୍ମା ମହାତ୍ମାଗାନ୍ଧୀ ହେଉଛନ୍ତି ଅହିଂସା ମାର୍ଗର ଅଦ୍ୱିତୀୟ ମାର୍ଗଦର୍ଶକ। ଏସବୁ ଦୃଷ୍ଟିରୁ ବିଶ୍ୱରେ ଯେତେ ଅନ୍ଧାରୀ ହିଂସ୍ର ପରିସ୍ଥିତି ଆସିଲେ ବି ଆମକୁ ଅହିଂସାର ଆଲୋକଶିଖା ଜାଳି ରଖିବାକୁ ହେବ।

-ଅସ୍ତଳ, ଭଦ୍ରକ

# ଆମ ପରିବେଶ ଓ ଆମ ଜୀବନ



ସୂର୍ଯ୍ୟକୁ ସକଳ ଶକ୍ତିର ଆଧାର କୁହାଯାଏ। ସୂର୍ଯ୍ୟକୁ କେନ୍ଦ୍ର କରି ଘୁରୁଥିବା ଗ୍ରହମାନଙ୍କ ମଧ୍ୟରୁ ପୃଥିବୀ ଗୋଟିଏ ଗ୍ରହ। ଏଠାରେ ଜଳ ତରଳ ଗ୍ୟାସମୟ ଅବସ୍ଥାରେ ଅଛି। ବିଜ୍ଞାନ କୁହେ ପ୍ରଥମେ ଜୀବଜଗତ ଏହି ଜଳରୁ ହିଁ ସୃଷ୍ଟି। ଏଇ ପୃଥିବୀ ଉପରେ କେତେ ମହାଦେଶ, ଦେଶ, ସମୁଦ୍ର, ପାହାଡ଼, ପର୍ବତ, ନଦୀନାଳ, ପ୍ରାଣୀ ଓ ଉଦ୍ଭିଦ ପରି ଜୀବଜଗତ ଅଛନ୍ତି। ଏହା ଉପରେ ଆମ ଘର। ଆମ ଘର ବାହାରେ ବିଶ୍ୱବ୍ରହ୍ମାଣ୍ଡ ଯାଏ ଯାହା ଅଛି ତାହା ଆମ ପରିବେଶ। 'ପରିବେଶ କହିଲେ ପରିବେଷ୍ଟନ'। ଏହା ଅର୍ଥ ଯାହା ଆମକୁ ଚାରିପଟୁ ଘେରିରହିଛି, ତାହା ହିଁ ପରିବେଶ। ପରିବେଶରୁ ପରିବାର ବା ପରିବାରରୁ ପରିବେଶ ସୃଷ୍ଟି। ଆମେ ବଂଚି ରହିବା ପାଇଁ ଯାହା ଯାହା ଦରକାର ଯଥା ଖାଦ୍ୟବସ୍ତ୍ର, ବାସଗୃହ, ଆମ ଶ୍ୱାସକ୍ରିୟା ପାଇଁ ଅମ୍ଳଜାନ, ଆମ ପିଇବା ପାଣି, ଆମକୁ ଧରି ରଖିବା ପାଇଁ ଧରିତ୍ରୀ ଆମ ସୂର୍ଯ୍ୟାଲୋକ, ସବୁ ହେଉଛି ପରିବେଶର ଅଂଶ। ପରିବେଶ ବିନା ଜୀବନ ନାହିଁ। ପରିବେଶରୁ କେବଳ ପବନକୁ ଅନୁଭବ କରୁ। ବାକି ସବୁ ଦେଖୁ। ପରିବେଶକୁ ଆମେ ଦୁଇଭାଗରେ ବିଭକ୍ତ କରୁ : ଜୈବିକ ପରିବେଶ ଓ ଅଜୈବିକ ପରିବେଶ। ଜୈବିକ ପରିବେଶ ମଧ୍ୟରେ ସମସ୍ତ ପ୍ରାଣୀ ଓ ଉଦ୍ଭିଦ ଜଗତ ଅନ୍ତର୍ଭୁକ୍ତ। ଯଥା ଗାଈ, ଛେଳି, ମେଣ୍ଢା, ବାଘ, ଭାଲୁ, ହାତୀ, ମଣିଷ ଇତ୍ୟାଦି ପ୍ରାଣୀ ଅଛନ୍ତି। ସେମିତି ଉଦ୍ଭିଦରେ ଘାସଠୁ ଆରମ୍ଭ କରି ବିରାଟ ଗଛ ଯାଏ ଅଛନ୍ତି। ଯେଉଁମାନଙ୍କର ଜୀବନ ନାହିଁ, ସେମାନେ ଜଡ଼ ବା ଅଜୈବ ପରିବେଶ ଅନ୍ତର୍ଗତ ଅଟନ୍ତି। ଏମାନେ ମାଟି ଗୋଡ଼ିଠୁ ଆରମ୍ଭ କରି ପାହାଡ଼, ପର୍ବତ, ଜଳ, ବାୟୁ, ସୂର୍ଯ୍ୟାଲୋକ ଏବଂ ବିଶ୍ୱବ୍ରହ୍ମାଣ୍ଡରେ ପ୍ରାଣ ନଥିବା ସମସ୍ତ ପଦାର୍ଥ ଅଟନ୍ତି। ଏହା ବାଦେ ଆଉ ଦୁଇଟି ପରିବେଶ ଅଛି: ପ୍ରାକୃତିକ ଓ କୃତ୍ରିମ ପରିବେଶ। ପ୍ରାକୃତିକ ହିଁ ଜୀବନ ଓ ଜଡ଼ ଜଗତର ସମାହାର ଅଟେ। କୃତ୍ରିମ କହିଲେ ଯାହା ମଣିଷକୃତ ଅର୍ଥାତ୍ ମଣିଷ ତା' ଆବଶ୍ୟକତାକୁ ନେଇ ଯାହା କରେ ଯେମିତି ଗୃହକୁ ନେଇ ଗୃହ ପରିବେଶ, ସେମିତି ଶିକ୍ଷା ପାଇଁ ବିଦ୍ୟାଳୟ ପରିବେଶ। ଏମିତିରେ ମଣିଷ ତା' ସୁବିଧା ପାଇଁ ଯାହା ଯାହା କରେ, ତାହା ହିଁ କୃତ୍ରିମ ପରିବେଶ। ଅନ୍ୟାନ୍ୟ ପରିବେଶ ମଧ୍ୟରେ ଅଛନ୍ତି ସାମାଜିକ ଓ ପ୍ରାକୃତିକ ପରିବେଶ, ସାମାଜିକ ଓ ନାଗରିକ ପରିବେଶ ଓ ସାଂସ୍କୃତିକ ପରିବେଶ ଇତ୍ୟାଦି। ପରିବେଶ କଥା ବିଚାର କଲାବେଳେ ଆମେ ଗୋଟିଏ ପଟେ ମଣିଷ ଓ ଅନ୍ୟପଟେ ତା' ଚାରିପଟେ ଯାହା ରହିଲା ତାକୁ ନେଇ ବିଚାର କରୁ। ମଣିଷ ଓ ତା' ପରିବାର ପରସ୍ପର ନିର୍ଭରଶୀଳ । ଗୋଟିଏ ବିନା ଆରଟି ତିଷ୍ଠିବା ସମ୍ଭବ ନୁହେଁ। ଆମେ ଏକ ଶୃଙ୍ଗ ସନ୍ତୁଳିତ ଅବସ୍ଥାରେ ବଂଚିଛେ। ପରିବେଶ ନଷ୍ଟ ହେଲେ ମଣିଷ ଜୀବନ ବିପନ୍ନ। ଏବେ କିନ୍ତୁ ପ୍ରକୃତି ବା ପରିବେଶ ପ୍ରଭାବିତ। ଆମ ଘରଠୁ ଆରମ୍ଭ କରି ବିଶ୍ୱ ବ୍ରହ୍ମାଣ୍ଡ ଯାଏଁ ପ୍ରଦୂଷଣ ବ୍ୟାପି ରହିଛି। ପ୍ରଥମରୁ ଆମ ବାସ କରୁଥିବା ଗୃହ ପରିବେଶ ଠିକ୍ ନାହିଁ। ଯାବତୀୟ ମଇଳା, ଆବର୍ଜନା, ନାଳନର୍ଦ୍ଦମାର ଅପରିଷ୍କାର ପାଣି, ପଚାସଢ଼ା ପଦାର୍ଥର ଦୁର୍ଗନ୍ଧ ଇତ୍ୟାଦି ଆମ ରୋଗର କାରଣ ହୋଇପଡିଛନ୍ତି। ଗୃହ ପରିବେଶ ପରିଷ୍କାର ବା ପରିମଳ ନାହିଁ। ଜଳର ଅନ୍ୟ ନାମ ଜୀବନ। ବେଦରେ ଲେଖା ଅଛି 'ସଲିଳଂ ସର୍ବମ୍ ଇଦମ୍'। ଏହାର ଅର୍ଥ ପୃଥିବୀରେ ଜଳ ନଥିଲେ ଜୀବଜଗତ ସୃଷ୍ଟି ହୋଇନଥାନ୍ତା। ମଣିଷ ଖାଦ୍ୟବିନା କିଛି ମାସ ବା ବର୍ଷ ବଂଚିପାରେ, ମାତ୍ର ଜଳବିନା କେଇଦିନ ବଂଚିବା ସମ୍ଭବ ନୁହେଁ। ଯେଉଁ ଜଳ ଆମର ଜୀବନ ରକ୍ଷକ ପାଲଟିଛି ଜୀବନ ଘାତକ। ଏବେ ଏହା ବିଷାକ୍ତ। ଏହାକୁ ପାନ କଲେ ଜୀବନ ନାଶ। ଜଳରେ ପେଟ୍ରୋଲିୟମ୍ ବ୍ୟବହାର କୀଟନାଶକ ବିଷର ପ୍ରୟୋଗ, ଡିଡିଟି, ସର୍ଫ, ସାବୁନ ଓ ନାଳ ନର୍ଦ୍ଦମାର ମଇଳା ପାଣି ମିଶି ଏହାକୁ ବିଷାକ୍ତ କରିପକାନ୍ତି। ଏହାର କୁପ୍ରଭାବ ଜୀବଜଗତ ଉପରେ ପଡୁଛନ୍ତି। ଏହା ଆମର ବହୁରୋଗର କାରଣ। ପରିବେଶର ଏକ ମୂଲ୍ୟବାନ ଅଂଶ ଆମ ଜଙ୍ଗଲ। କଥାରେ ଅଛି ଜଙ୍ଗଲରେ ମଙ୍ଗଳ ଥାଏ। ଜଙ୍ଗଲ ବର୍ଷାର ଗୋଡ଼, ପଶୁପକ୍ଷୀମାନଙ୍କର ଘର, ମୃତ୍ତିକାର ସଂରକ୍ଷକ, ଅମ୍ଳଜାନ ଓ ଅଙ୍ଗାରକାମ୍ଳର ସନ୍ତୁଳନ ରକ୍ଷାକରେ। ଏହା ମଣିଷକୁ କାଠ, ବାଉଁଶ, ସବାଇ ଘାସ ଓ ଔଷଧି ଗଛ ଯୋଗାଏ। ଅଥଚ ଏବେ ପୃଥିବୀରୁ ଜଙ୍ଗଲ ନିଶ୍ଚିହ୍ନ ହେବାରେ ଲାଗିଛି। ଏଣୁ ବଢ଼ିଛି ବିଶ୍ୱତାପନ, ବରଫ ତରଳା ଇତ୍ୟାଦି। ଜଳ ପରି ବାୟୁ ବିନା ମଣିଷ ବଂଚିବ ନାହିଁ। ବାୟୁରେ ଥିବା ଅମ୍ଳଜାନ ମଣିଷର ଶ୍ୱାସକ୍ରିୟା ମାଧ୍ୟମରେ ଯାଇ ଶରୀରରେ ଯାବତୀୟ ଦହନ କାର୍ଯ୍ୟ କରେ। ଏବେ ସେ ବାୟୁରେ ଭାସମାନ ଦୂଷିତ ପଦାର୍ଥ, ରୋଗ ଜୀବାଣୁ ସୃଷ୍ଟ କଣିକା, ଗ୍ୟାସୀୟ ପଦାର୍ଥ, ଦହନଜାତ ପଦାର୍ଥ, ବିଭିନ୍ନ ତେଜସ୍କ୍ରିୟ ରଶ୍ମି ଇତ୍ୟାଦିର କୁପ୍ରଭାବ ଅଛି। ଏଥିରେ ବିଭିନ୍ନ ପ୍ରକାର ଗ୍ୟାସୀୟ ଉପାଦାନ ଭୋପାଳ ଦୁର୍ଘଟଣା ପରି ଦୁଃଖଦ ଘଟଣା ଘଟାଇଥାଆନ୍ତି। ଏକଥା ସତ୍ୟ ଯେ ମାଟିବିନା ଜୀବନ ବିପର୍ଯ୍ୟସ୍ତ। ମା' ଓ ମାଟି ଆମକୁ ଧାରଣ ଓ ପୋଷଣର ଆଧାର। ମାଟି ହିଁ ମୃତ୍ତିକା। ପ୍ରାଣୀ ଓ ଉଦ୍ଭିଦ ସମସ୍ତେ ମୃତ୍ତିକା ଉପରେ ନିର୍ଭରଶୀଳ। ମୃତ୍ତିକାରେ ଚାଷବନ୍ଦୀ ହୁଏ। ଖାଦ୍ୟ ଫଳାଏ। ଏବେ ଏ ମୃତ୍ତିକାରେ ପ୍ରଚୁର ପରିମାଣରେ ରାସାୟନିକ ସାର ଓ କୀଟନାଶକ ବିଷ ପ୍ରୟୋଗ ହେଉଛି। ନାଳନର୍ଦ୍ଦମାର ଦୂଷିତ ଜଳ, କଳ କାରଖାନାର ଆବର୍ଜନା ମିଶ୍ରିତ ଜଳ, ଯାବତୀୟ ବର୍ଜ୍ୟବସ୍ତୁ ଯଥା-ଟିଣ, ପ୍ଲାଷ୍ଟିକ, ପଲିଥିନ୍, ଛିଣ୍ଡା ଟାୟାର ଓ ଟ୍ୟୁବ୍ ଗ୍ୟାରେଜମାନଙ୍କର ନିଗିଡ଼ା ତେଲ ଏସବୁ ମାଟିରେ ମିଶିଛି ଏବଂ ମାଟିକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପ୍ରଦୂଷିତ କରୁଛି। ଏପଟେ ମୃତ୍ତିକା କ୍ଷୟ ଘଟୁଛି। ଉଭୟ ପ୍ରଦୂଷଣ ଓ ମୃତ୍ତିକା କ୍ଷୟ ଆମର କ୍ଷତି କରନ୍ତି। ଆମ ପରିବେଶର ଶବ୍ଦ ପ୍ରଦୂଷଣ ଅନ୍ୟ ଏକ କ୍ଷତିକାରକ। ସାଧାରଣ ବ୍ୟକ୍ତି ପାଇଁ ୮୦-୧୨୦ ଡେସିବଲ ମଧ୍ୟରେ ଧ୍ୱନି ଯଥେଷ୍ଟ। ତହିଁରୁ ଅଧିକ ବା କମ୍ କ୍ଷତିକାରକ। ଶବ୍ଦ ପ୍ରଦୂଷଣର କାରକମାନେ ହେଲେ ସ୍କୁଟର, ମଟରସାଇକେଲ, କାର୍, ଟେମ୍ପୁ, ଭ୍ୟାନ୍, ବସ୍, ଟ୍ରାକ୍ଟର, ଉଡ଼ାଜାହାଜ, ମହାକାଶଯାନ, ପାଣିଜାହାଜ, ପପ୍ ସଂଗୀତ, କଳକାରଖାନା ଯନ୍ତ୍ରପାତିର ଶବ୍ଦ, ବାଣମରା, ବୋମା ବିସ୍ଫୋରଣ ଇତ୍ୟାଦି। ତା'ସହିତ ପ୍ରାକୃତିକ ଘଡ଼ଘଡ଼ି ଚଡ଼ଚଡ଼ି ଅଛି ଏବଂ ଯୁଦ୍ଧକାଳୀନ ଅସ୍ତ୍ରର ବ୍ୟବହାର ଶବ୍ଦ ଅଛି। ଏମାନେ ସମସ୍ତେ ୧୨୦ ଡେସିବଲଠାରୁ ଅଧିକ ଶବ୍ଦ ସୃଷ୍ଟି କରନ୍ତି। ଏଣୁ କ୍ଷତିକାରକ ଅଟନ୍ତି। ସେମିତି ବାୟୁ, ଜଳ ଓ ଭୂଭାଗ ମଣିଷକୃତ କୌଣସି କାର୍ଯ୍ୟକାରଣରୁ ତାପମାତ୍ରାର ବୃଦ୍ଧି ବା ହ୍ରାସ ଦ୍ୱାରା ତାପ ପ୍ରଦୂଷଣ ଘଟେ। ତାପମାତ୍ରା ବୃଦ୍ଧିରେ ପରିବେଶ ଓ ତା'ର ଜୀବଜନ୍ତୁଙ୍କ ଉପରେ ମାରାତ୍ମକ ପ୍ରଭାବ ପକାଏ। ଏବେ ବଳାଏ ମହାକାଶ ପ୍ରଦୂଷଣ। ପୃଥିବୀପୃଷ୍ଠରୁ ୧୦୦୦ କି.ମି ଯାଏ ବାୟୁ ପ୍ରଦୂଷିତ ଏହା ଆମେ ଜାଣୁ। ଏହା ପରେ ମହାକାଶ। ଏହା ବାୟୁରହିତ। ଏହି ମହାଶୂନ୍ୟରେ ରକେଟ୍, ଉପଗ୍ରହ ଓ ମହାକାଶଯାନଙ୍କ ସ୍ଥିତି ଚଳାଚଳ ଏମାନଙ୍କ ଯନ୍ତ୍ରପାତିରେ ଇନ୍ଧନର ଦହନରୁ ଚାଳିତ। ଏମାନଙ୍କର ବିଷାକ୍ତ ଗ୍ୟାସ୍ ଓ ଭଙ୍ଗାରୁଜା ଅଂଶ ଏବେ ମହାକାଶରେ ଠୁଳ ଯେଉଁମାନେ ମହାକାଶକୁ ପ୍ରଦୂଷିତ କରନ୍ତି। ଏମିତିରେ ଆମ ଘର ପରିବେଶକୁ ବିଶ୍ୱ ବ୍ରହ୍ମାଣ୍ଡ ଯାଏଁ ପ୍ରଦୂଷିତ। ଆମେ ବଂଚିବା ତ ? ବିଜ୍ଞାନ ଅନୁସାରେ ଆମ ପୃଥିବୀ ଅତି ବେଶିରେ ୩୫୦ କୋଟି ଲୋକଙ୍କୁ ଠିକ୍ ଭାବରେ ଧାରଣ କରିପାରେ। ଏବେ ଏହା ୧୦ ଶହ କୋଟି। ପ୍ରଦୂଷଣକୁ ଜନସଂଖ୍ୟା ଚାପ ବଳାଏ। ଏସବୁ ବିଚାର କରି କୁହାଯାଇଛି ଆମ ପୃଥିବୀ ଏବେ ରୁଗ୍ଣ ହୋଇ ପଡ଼ିଛି ଏବଂ ସେ ତା'ର ଜରୁରୀ ନିରାକରଣ ଚାହୁଁଛି। ଆମେ ଯଦି ସଂଘବଦ୍ଧ ଭାବରେ ଏହାର ମୁକାବିଲା ପାଇଁ ହାତ ନ ମିଳାଇବା ଏ ମଣିଷ ଜାତି ଅଚିରେ ଧ୍ୱଂସ ପାଇଯିବ। ଏସବୁ ମଣିଷର ପ୍ରକୃତି ପ୍ରତି ଅତ୍ୟାଚାରର ଫଳ। ଏହାକୁ ବନ୍ଦ କରିବାକୁ ହେବ। ନୋହିଲେ ପ୍ରକୃତି ଆମକୁ ସମୁଚିତ ଶିକ୍ଷା ଦେବ। ପ୍ରଥମେ ପ୍ରକୃତି ଏବଂ ପରେ ଆମ କଥା ଆମକୁ ବିଚାର କରିବାକୁ ହେବ।

ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ,
ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶନଗର, ଜଟଣୀ, ଖୋର୍ଦ୍ଧା,
ଫୋନ୍-୯୯୩୮୩୪୪୧୩୮

# ପୁରାତନ କୀର୍ତ୍ତିରାଜିର ଆହ୍ୱାନ !



କେବଳ ଓଡ଼ିଶାର ବିଶ୍ୱ ଐତିହ୍ୟସ୍ଥଳୀ ମର୍ଯ୍ୟାଦା ପାଇଥିବା କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ନୁହେଁ ଭାରତର ପ୍ରସିଦ୍ଧ ଲାଲକିଲ୍ଲା ଦୁର୍ଗକୁ କୀର୍ତ୍ତିରାଜିର ସଂରକ୍ଷଣ ଓ ପାରିପାର୍ଶ୍ୱିକ ବିକାଶ ପାଇଁ ଘରୋଇକରଣ ନିମନ୍ତେ ବେସରକାରୀ ସଂସ୍ଥାକୁ ପରିଚାଳନାର ଦାୟିତ୍ୱ ଦେବା ପରେ ଏ ନେଇ ଘମାସନ ତର୍କବିତର୍କ ଆରମ୍ଭ ହୋଇଯାଇଛି। ଏଏସ୍‌ଆଇ ସଂରକ୍ଷିତ କୀର୍ତ୍ତିରାଜିର ସୁରକ୍ଷଣ ଓ ଏହାର ସାମଗ୍ରୀକ ପାରିପାର୍ଶ୍ୱିକ ବିକାଶ ପାଇଁ କେନ୍ଦ୍ର ସରକାର ଆରମ୍ଭ କରିଥିବା ନୂଆ ବିଧି ବ୍ୟବସ୍ଥାକୁ ଅନେକ କ୍ଷେତ୍ରରେ ବିରୋଧ କରାଯାଇଛି। ଏହା ଭିତରେ ଆମ ରାଜ୍ୟର ଏକମାତ୍ର ବିଶ୍ୱ ଐତିହ୍ୟସ୍ଥଳୀ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ଘରୋଇ କମ୍ପାନୀକୁ ଟେକିଦେବା ପାଇଁ କେନ୍ଦ୍ର ସରକାର ଯେଉଁ ବ୍ୟବସ୍ଥା କରିଛନ୍ତି ତାହାକୁ କେତେକ ମହଲରେ ବିରୋଧ କରାଯାଉଥିବାବେଳେ ଏହା ପୁଣି ଏକ ନୂଆ ବିବାଦ ମୁଣ୍ଡ ଟେକିଛି। କେବଳ କୋଣାର୍କ ନୁହେଁ, ରାଜ୍ୟର ଆହୁରି ୩ଟି ପ୍ରମୁଖ ଐତିହ୍ୟସ୍ଥଳୀ ରତ୍ନଗିରି, ଖଣ୍ଡଗିରି ଏବଂ ରାଜାରାଣୀ ମନ୍ଦିରକୁ ମଧ୍ୟ ଆଡ଼ପ୍ଟ-ଏ-ହେରିଟେଜ୍‌ରେ ସାମିଲ କରି ଘରୋଇକରଣ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଐତିହାସିକ ଲାଲ୍‌କିଲ୍ଲା ଦୁର୍ଗକୁ କେନ୍ଦ୍ର ସରକାର ଡାଲମିଆ ଗ୍ରୁପ୍ ହାତରେ ଟେକିଦେବା ନେଇ ଉଠିଥିବା ବିବାଦ ଏ ପର୍ଯ୍ୟନ୍ତ ଥମି ନଥିବା ବେଳେ ଏବେ ବିଶ୍ୱ ପ୍ରସିଦ୍ଧ ତାଜମହଲ, କୋଣାର୍କ ସୂର୍ଯ୍ୟମନ୍ଦିର, ଫତେପୁର ସିକ୍ରି, ସାରନାଥ, ସୁନ୍ଦରବନ ଏବଂ ଇଣ୍ଡିଆଗେଟ ଭଳି ଦେଶର କେତେକ ପ୍ରମୁଖ ଐତିହାସିକ କୀର୍ତ୍ତିରାଜି ଘରୋଇକରଣ ନେଇ ବିବାଦ ଉଠିଛି। ଗତବର୍ଷ ସେପ୍ଟେମ୍ବରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ନୂଆ ଯୋଜନାର ଶୁଭାରମ୍ଭ କରାଯାଇଥିବା ବେଳେ ଏହା ମାଧ୍ୟମରେ ଯେକୌଣସି ଘରୋଇ ସଂସ୍ଥା, ବ୍ୟକ୍ତି କିମ୍ବା କର୍ପୋରେଟ୍ ହାଉସ ଏଏସ୍‌ଆଇ ସଂରକ୍ଷିତ କୀର୍ତ୍ତିରାଜିକୁ ୫ବର୍ଷ ପାଇଁ ପୋଷ୍ୟ ଭାବେ ଗ୍ରହଣ କରି ତାହାର ସମସ୍ତ ଦାୟିତ୍ୱ ବହନ କରିବେ ବୋଲି ଘୋଷଣା ହୋଇଥିଲା। ଏହାଦ୍ୱାରା ଦେଶରେ ଥିବା ୩ ହଜାରରୁ ଊର୍ଦ୍ଧ୍ୱ ଏଏସ୍‌ଆଇ ସଂରକ୍ଷିତ କୀର୍ତ୍ତିରାଜି ଉପକୃତ ହେବ। ସେହିଭଳି ସମ୍ପୃକ୍ତ ସ୍ଥାନରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ପ୍ରତିଷ୍ଠା ହୋଇପାରିବ ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଗତବର୍ଷ ସେପ୍ଟେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ଭାରତୀୟ ଟୁର ଅପରେଟସ୍ ମହାସଂଘ ବାର୍ଷିକ ଅଧିବେଶନର ଯୋଗ ଦେଇ ତଥ୍ୟ ଉପସ୍ଥାପନ କରିଥିଲେ। ତେବେ ଏହାର ପ୍ରାୟ ୬ ମାସ ପରେ ଗତ ଏପ୍ରିଲ ଅଠେଇଶ ତାରିଖରେ ଡାଲ୍‌ମିଆ ଗ୍ରୁପ୍ ଲାଲ୍‌କିଲ୍ଲା ଦୁର୍ଗକୁ ଆଡପ୍ଟ କରିବ ବୋଲି ଘୋଷଣା କରିବା ପରେ ଆଡପ୍ଟ-ଏ-ହେରିଟେଜ୍ ବିରୋଧରେ ସ୍ୱର ଉତ୍ତୋଳନ ହୋଇଛି। ବର୍ତ୍ତମାନ ଏଏସ୍‌ଆଇ ଅଧିନରେ ଥିବା ଓଡ଼ିଶାର କୋଣାର୍କ ସୂର୍ଯ୍ୟ ମନ୍ଦିର ସହ ରତ୍ନଗିରି, ଖଣ୍ଡଗିରି ଏବଂ ରାଜାରାଣୀ ମନ୍ଦିରକୁ ଡାଲ୍‌ମିଆ ଭାରତ ଗ୍ରୁପ୍ ଏବଂ ଟିକେ ଇଣ୍ଟରନ୍ୟାସନାଲ ଗ୍ରୁପ୍ ହାତରେ ପ୍ରଦାନ କରାଯିବ। କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କ ସୂଚନା ମୁତାବକ, ପ୍ରାଥମିକ ପର୍ଯ୍ୟାୟରେ ଟିକେ ଇଣ୍ଟରନ୍ୟାସନାଲ ଗ୍ରୁପ୍ କୋଣାର୍କର ସୂର୍ଯ୍ୟ ମନ୍ଦିର ସହ ଭୁବନେଶ୍ୱରର ରାଜାରାଣୀ ମନ୍ଦିର ଏବଂ ଯାଜପୁରର ରତ୍ନଗିରିକୁ ପୋଷ୍ୟଭାବେ ଗ୍ରହଣ କରିବ। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟରେ ଡାଲ୍‌ମିଆ ଭାରତ ଗ୍ରୁପ୍ ଭୁବନେଶ୍ୱରର ଐତିହାସିକ ଖଣ୍ଡଗିରି-ଉଦୟଗିରି ଏବଂ କୋଣାର୍କ ସୂର୍ଯ୍ୟମନ୍ଦିରକୁ ଗ୍ରହଣ କରିବ। ଆଡପ୍ଟ-ଏ-ହେରିଟେଜ୍ ଯୋଜନାର ପ୍ରଥମ ଫେଜ୍ ତାଲିକାରେ କୋଣାର୍କ ରହିଥିବାରୁ ଖୁବ୍ ଶୀଘ୍ର ଏହା ଘରୋଇ ସଂସ୍ଥା ହାତକୁ ଚାଲିଯିବ ବୋଲି ଚର୍ଚ୍ଚା ହେଉଛି। ଅନେକ ହୁଏତ ଜାଣିନାହାଁନ୍ତି ଭାରତ ବାହାରେ ଅନେକ ବିଶ୍ୱ ପ୍ରସିଦ୍ଧ ଐତିହ୍ୟସ୍ଥଳୀ ମଧ୍ୟ ସ୍ଥାନୀୟ ସରକାର ବ୍ୟକ୍ତିଗତ ମାଲିକାନାରେ ଥିବା ସଂସ୍ଥାମାନଙ୍କୁ ପରିଚାଳନାଗତ ଦାୟିତ୍ୱ ଦିଆଯାଇଛି। ସରକାରୀ ବ୍ୟବସ୍ଥାରେ ଐତିହ୍ୟସ୍ଥଳକୁ ଘରୋଇ ସଂସ୍ଥା ହାତରେ ପ୍ରଦାନ କରାଯାଉଥିଲେ ବି ଏହାର ସମସ୍ତ ବ୍ୟବସ୍ଥାଗତ ନିଷ୍ପତ୍ତି କିନ୍ତୁ ସରକାରଙ୍କ ହାତରେ ରହିବାର ବିଧି ବ୍ୟବସ୍ଥା ଥିବାରୁ ଏହାକୁ ନେଇ ତୁମ୍ବିତୋଫାନର କୌଣସି କାରଣ ନାହିଁ। ଦ୍ୱିତୀୟତଃ ବେସରକାରୀ ଉଦ୍ୟୋଗ ଏହାର ରକ୍ଷଣାବେକ୍ଷଣ ଓ ପରିଚାଳନାଗତ ଦାୟିତ୍ୱ ନେବା ପରେ ସରକାରଙ୍କ ରାଜସ୍ୱ ଅପଚୟର ସୁଯୋଗ ରହିବନାହିଁ ବରଂ ଏହାର ଭିତ୍ତିଭୂମି ଓ ପ୍ରଚାର ପ୍ରସାର କ୍ଷେତ୍ରରେ ଅଭିବୃଦ୍ଧି ସମ୍ଭବ ହେବ। ବର୍ଷ ବର୍ଷ ଧରି ତଥାକଥିତ ପୁରୁଣା ଢାଞ୍ଚାଗତ ପରିଚାଳନା ଓ ଅର୍ଥ ଅଭାବରୁ ଯେଉଁ ଐତିହାସିକ କ୍ଷେତ୍ର ପ୍ରଗତି ଅଭିବୃଦ୍ଧିରେ ଆଗେଇ ପାରୁନାହାଁନ୍ତି ସେମାନେ ଏହାର ସୁଯୋଗ ନେଇ ରକ୍ଷଣାବେକ୍ଷଣ ସହ ଏହାର ଆକର୍ଷଣୀୟ କଳେବର ବୃଦ୍ଧି କରି ଦର୍ଶକଙ୍କୁ ଆକୃଷ୍ଟ କରିବେ। ପରବର୍ତ୍ତୀ ସମୟରେ ସରକାର ପର୍ଯ୍ୟାପ୍ତ ରାଜସ୍ୱ ପାଇବାର ସମ୍ଭାବନା ରହିବା ସହ ଦେଶ ବିଦେଶରେ ଏହାର ପ୍ରଚାରଧର୍ମୀ କାର୍ଯ୍ୟକ୍ରମ ଦ୍ୱାରା ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବଢ଼ିବା ସହ ପର୍ଯ୍ୟଟନ ଅର୍ଥନୀତି ସୁଦୃଢ଼ ହେବ। କୋଣାର୍କ ହେଉ ବା ତାଜ୍‌ମହଲ ପ୍ରତିଟି ଭାରତୀୟଙ୍କ ଭାବାବେଗ ଓ ଗରିମାମୟ ସମ୍ପର୍କ ରହିବା ସ୍ୱାଭାବିକ। ତେବେ ସରକାରୀ ବ୍ୟବସ୍ଥାର ପ୍ରତିଟି ପଦକ୍ଷେପକୁ ରାଜନୈତିକ ଦିଗକୁ ଲକ୍ଷ୍ୟ ରଖି ରାଜନୀତିକରଣ ଠାରୁ ଦୂରେଇ ରହିଲେ ସରକାରଙ୍କ ଏହି ନୂତନ ପର୍ଯ୍ୟଟକ ନୀତି ଉପରେ ଦୃଷ୍ଟି ନିବଦ୍ଧ ରହିପାରିବ। ଏହା ନିଃସନ୍ଦେହ କେବଳ ଓଡ଼ିଶା ନୁହେଁ ଭାରତର ଅନେକ ପ୍ରାଚୀନତମ ଗୌରବ ବିମଣ୍ଡିତ ପର୍ଯ୍ୟଟନ ଓ ଆଧ୍ୟାତ୍ମିକସ୍ଥଳୀ ରହିଛି ଯାହାକି ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଲାଣି। ଅନେକ କୀର୍ତ୍ତି ବିମଣ୍ଡିତ କ୍ଷେତ୍ର ସମାଧିସ୍ଥ ହୋଇସାରିଲାଣି ତେଣୁ ଏହି ପଦକ୍ଷେପକୁ ସକାରାତ୍ମକ ଦୃଷ୍ଟିକୋଣରେ ବିଚାର କରି ଏଥିପାଇଁ ଜନସାଧାରଣଙ୍କ ନୈତିକ ସମର୍ଥନ ଜରୁରୀ।

ନାରାୟଣ ଚନ୍ଦ୍ର ବିଶ୍ୱାଳ, କଟିକଟା, ମଙ୍ଗଳପୁର, ଯାଜପୁର, ଦୂରଭାଷ : ୯୪୩୮୨୭୬୭୬୦






ଚିକ୍‌ମାଗାଲୁରଠାରେ ଶ୍ରୀନଗେରୀ ଶାରଦମ୍ବା ମନ୍ଦିରରେ ହାତୀମାନେ ମୁଖ୍ୟମନ୍ତ୍ରୀ ବିଏସ୍ ୟେଦୁରପ୍ପାଙ୍କୁ ଆଶୀର୍ବାଦ ଦେଉଛନ୍ତି

# ରାମେଶ୍ୱର ସାହିତ୍ୟ ସଂସଦର ସ୍ୱତନ୍ତ୍ର ଆଲୋଚନା

ଭଦ୍ରକ, (ପିଏନ)- ରାମେଶ୍ୱର ସାହିତ୍ୟ ସଂସଦର ସ୍ୱତନ୍ତ୍ର ଆଲୋଚନାଚକ୍ର ରାନ୍ଦିଆ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ଡ. ବଳରାମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ପ୍ରମୋଦ କୁମାର ସ୍ୱାଇଁ ମଂଚ ଆହ୍ୱାନ କରିବା ସହ ଅତିଥି ବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀର ରାଜ୍ୟସ୍ତରୀୟ ସଭ୍ୟ ପ୍ରଫେସର ଡ. ଶଶଧର ଦାସଙ୍କୁ ସ୍ୱାଗତ କରିଥିଲେ। ସହ ସଂପାଦକ ଦୁଃଶାସନ ଗାହାଣ ପୂର୍ବ ଆଲୋଚନା କରି ବିବରଣୀ ପାଠ କରିଥିଲେ। ସଭାପତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ବକ୍ତା ଡ. ଦାସ 'ଶବ୍ଦ-ଦର୍ପଣ' ଉପରେ ଏକ ମୌଳିକ ଗବେଷଣା ଧର୍ମୀ ଆଲୋଚନା କରିଥିଲେ। ଜଣେ ଉଚ୍ଚକୋଟୀର କଳ୍ପନାଶୀଳ ବ୍ୟକ୍ତି ଶବ୍ଦଟିଏ ଚୟନ କରିବାରେ ବହୁ ସମୟ ନିମଗ୍ନ ରହିପାରେ କାରଣ ସେ ବୁଝନ୍ତି ଯେ ଶବ୍ଦ ଯୋଡି ପରେ, ଫେଡିପାରେ - ଶବ୍ଦ ସତ୍ୟ, ଶବ୍ଦ ସୁନ୍ଦର। ଉପଯୁକ୍ତ ଶବ୍ଦଟିଏ ଚୟନ ନକରି କବିତା ହେଉ ବା ପ୍ରବନ୍ଧ ହେଉ ସୃଷ୍ଟି କଲେ ତାହା ହୁଏତ ଭାବ ଓ ଭାଷା ମଧ୍ୟରେ ଦୂରତ୍ୱ ବଢାଇ ଦେଇପାରେ, ସୃଜନ ସୃଷ୍ଟିର ସ୍ଥାୟୀମାନ ନିରୂପଣ କରିବା ଅସମ୍ଭବ ହୁଏ ସ ପାଠକ ଭ୍ରମର ଶୀକାର ହୁଏ। ତେଣୁ ଶବ୍ଦ ଚୟନର ନିପୁଣତା ଏକ ଅଲୌକିକ ପ୍ରତିଭା ଯାହା ବ୍ୟକ୍ତି ଚେତନାକୁ ସାର୍ବଜନୀନ ଚେତନାରେ ପରିଣତ କରିବାରେ ଦାର୍ଶନିକତା ହାସଲ କରେ ଓ ପ୍ରଭାବଶାଳୀ ମଧ୍ୟ ହୁଏ। ଶବ୍ଦ ଭାବର ଦର୍ପଣ। ରାଧାନାଥ, ଲକ୍ଷ୍ମୀକାନ୍ତ, ସଚ୍ଚି ରାଉତ ରାୟ, ମାୟାଧର ମାନସିଂଙ୍କ କବିତାରେ ଓ ଫକୀର ମୋହନ ସେନାପତିଙ୍କ ଗଳ୍ପ ଓ ଉପନ୍ୟାସରେ ଶବ୍ଦ ଚୟନ ଓ ଶବ୍ଦର ଉପଯୁକ୍ତ ପ୍ରୟୋଗ କେବଳ ଯେ ଆମ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଛି ତାହା ନୁହେଁ ବରଂ ସେମାନଙ୍କର ସୃଷ୍ଟିକୁ କାଳ ଗିଳିପାରୁନାହିଁ କି ଗିଳିପାରିବ ନାହିଁ ବୋଲି ଅତିଥି ଡ. ଦାସ ଉଦାହରଣ ସହ ବ୍ୟାଖ୍ୟା କରିଥିଲେ। ସୃଜନ ସ୍ରଷ୍ଟା ଯେତେବେଳେ ସୂକ୍ଷ୍ମ ଚେତନାରେ ହଜି ଯାଇଥାଆନ୍ତି, ସେତେବେଳେ ଶବ୍ଦ ବ୍ରହ୍ମରୁ ଆବିଷ୍କୃତ କିଛି ଶବ୍ଦର ଆତ୍ମା ସହିତ ସ୍ରଷ୍ଟା ମିଶିଯାଆନ୍ତି। ସେତେବେଳେ ଶବ୍ଦ ଗୁଡିକ ଆମ ଭାବର ଦର୍ପଣ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ଯେକୌଣସି କବିତାର ସୌନ୍ଦର୍ଯ୍ୟ ବିଧାନ କାବ୍ୟଭାଷାର ସୁନ୍ଦର ପ୍ରୟୋଗ ଓ ଶବ୍ଦ ଚୟନର ନିପୁଣତା ଉପରେ ନିର୍ଭର କରେ ବୋଲି ଅତିଥି ମତ ରଖିଥିଲେ।

ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ମୋହିନୀ ମୋହନ ମହାପାତ୍ର, ଶିକ୍ଷାବିତ୍ ବଳରାମ ପାଣିଗ୍ରାହୀ, ଜଗବନ୍ଧୁ ଦାଶ, ଡ. ରାଇମୋହନ ମହାପାତ୍ର, ପଣ୍ଡିତ ରତ୍ନାକର ମିଶ୍ର, ଦୁର୍ଯ୍ୟୋଧନ ଖୁଂଟିଆ ପ୍ରମୁଖ ସଭ୍ୟ ଅଂଶଗ୍ରହଣ କରିଥିଲେ। ସଭ୍ୟ ଅରୁଣ କୁମାର ସାହୁ, ସୌମ୍ୟକାନ୍ତ ଉପାଧ୍ୟାୟ, ଅନନ୍ତ ଚନ୍ଦ୍ର ଖୁଣ୍ଟିଆ, ଗୋକୁଳାନନ୍ଦ ରାଉତ, ଗୋପାଳ ଚରଣ ମୁଖୀ, ରାମଚନ୍ଦ୍ର ପଣ୍ଡା ପ୍ରମୁଖ ସଭ୍ୟ ଆସନ୍ତା ଆଲୋଚନା ଚକ୍ରରେ ଶିଶୁ ସାହିତ୍ୟ ଉପରେ ଆଲୋଚନା କରିବା ପାଇଁ ମତ ରଖିଥିଲେ। ସମ୍ମାନିତ ବକ୍ତା କବି କିଶୋର ପାଣିଗ୍ରାହୀ ଶବ୍ଦର ଉଚ୍ଚାରଣର ଗୁରୁତ୍ୱ ତଥା ବସ୍ତୁଜଗତ ଓ ପ୍ରକୃତି କିଭଳି ମାନବିକ ସ୍ଥିତିର ପ୍ରତିନିଧିତ୍ୱ କରିପାରେ ଉଦାହରଣ ସ୍ୱରୂପ ବୁଝାଇଥିଲେ। କବି ମୋହିନୀ ମୋହନ ମହାପାତ୍ର ଓ କୃଷ୍ଣଚନ୍ଦ୍ର ରାଉଳ ସଭା ପରିଚାଳନା କରିଥିଲେ। ସଭାପତିଙ୍କ ଅଭିଭାଷଣ ପରେ ଯୁଗ୍ମ ସଂପାଦକ ଗୌରାଙ୍ଗ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଏକୋଣ୍ଡ ଜୁନିଅର ପ୍ରତିଯୋଗିତାରେ କଳିଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଙ୍କ ସଫଳତା

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ପଂଚାୟତର ତରାପୁର ସ୍ଥିତ କଳିଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସେକ୍ ଜୁମନ ଓ ତସଲିମା ଖାନ୍‌ଙ୍କ ଏକମାତ୍ର କନ୍ୟା ଉସ୍ମେ ରୁକେୟା(୧୫)ଙ୍କ ରାଜ୍ୟ ସ୍ତରୀୟ ଟାଏକୋଣ୍ଡ ଜୁନିଅର ପ୍ରତିଯୋଗିତା(୪୧ କି.ଲୋ ଓଜନ)ବର୍ଗରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ତାଙ୍କ ସଫଳତାକୁ ନେଇ କ୍ରୀଡାବିତ୍‌ଙ୍କ ମହଲରେ ଉତ୍ସାହ ଖେଳିଯାଇଛି । ଏଥି ସହ ବିଦ୍ୟାଳୟର ଅଧକ୍ଷ ଓ ଶିକ୍ଷିକାଶିକ୍ଷକମାନଙ୍କ ପକ୍ଷରୁ ରୁକେୟାକୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଇଣ୍ଡୋର ଷ୍ଟାଡିଅମ୍‌ରେ ସେପ୍ଟେମ୍ବର ୭ ରୁ ୯ ମଧ୍ୟରେ ଓଡିଶା ଟାଏକୋଣ୍ଡ ଆସୋସିଏସନ ଓ ଟାଏକୋଣ୍ଡା-ଓଡିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ସ୍ତରରୀୟ ପ୍ରତିଯୋଗିତାରେ ଯାଜପୁର ଜିଲା ତରଫରୁ ଅଂଶ ଗ୍ରହଣ କରିଥିଲେ । ଏଥିରେ ୧୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ୫ ଜଣ ପ୍ରତିଯୋଗି ଅଯୋଗ୍ୟ ହୋଇଥିଲା ବେଳେ ଅନ୍ୟ ୬ଜଣଙ୍କୁ ପଛରେ ପକାଇ ରୁକେୟା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେ ଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରର ଟାଏକୋଣ୍ଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି । ଏହାଛଡା ସେ ଜଣେ ମେଧାବୀ ଛାତ୍ରୀ ଅଟନ୍ତି । ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟି ଆସୁଛି । ତାଙ୍କର ସଫଳତାର ଶ୍ରେୟ ସେ ପ୍ରଶିକ୍ଷକ ସମର ସିଂ ପପୁଙ୍କୁ ଦେଇଛନ୍ତି ।

## ହାଟରେ ମୋବାଇଲ ଚୋରି କରୁଥିବା ୩ ଚୋର ଗିରଫ

ବାଲେଶ୍ୱର,(ପିଏନ): ହାଟରେ ଚୋରି କରୁଥିବା ୩ ମୋବାଇଲ ଚୋରକୁ ଗିରଫ କରିଛି ପୁଲିସ । ବାଲେଶ୍ୱର କମର୍ଦ୍ଦା ହାଟରେ ୩ଜଣ ଯୁବକ ମୋବାଇଲ ଚୋରି କରୁଥିବା ବେଳେ ସେମାନଙ୍କୁ ସ୍ଥାନୀୟ ଲୋକେ କୋବୁ କରି ପୁଲିସକୁ ଖବର ଦେଇଥିଲେ । ଫଳରେ ପୁଲିସ ସେଠାରେ ପହଞ୍ଚି ୩ ଚୋରଙ୍କୁ ଗିରଫ କରିଥିବା ଜଣାପଡିଛି । ସୂଚନା ଅନୁଯାୟୀ କିଛି ଦିନ ଧରି କମର୍ଦ୍ଦା ଅଞ୍ଚଳର ବିଭିନ୍ନ ସ୍ଥାନରୁ ବିଭିନ୍ନ ଅଞ୍ଚଳରୁ ମୋବାଇଲ ଚୋରି ହେବା ଘଟଣା ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ଏହି ମୋବାଇଲ ଚୋରି ର୍‍ୟାକେଟ୍‌କୁ ଧରିବା ପାଇଁ ପ୍ରୟାସ ଜାରି ରଖିଥିଲା । ଗିରଫ ୩ ଜଣ ହେଲେ ଝାଡଖଣ୍ଡ ରାଜ୍ୟର ସାହେବଗଞ୍ଜ ଜିଲ୍ଲା ରାଜମହଲ ଥାନା ତିନିପାହାଡ ଗ୍ରାମର ପ୍ରତାପ ନାନିଆ, ଶିବାନୀ ମହାନ୍ତ ଓ ଦୀପକ ନାନିଆ । ଝାଡଖଣ୍ଡ ଅଞ୍ଚଳର ଲୁଟେରାମାନେ ଆସି ଏଭଳି ଅପରାଧରେ ଲିପ୍ତ ହେଉଥିବାରୁ ପୁଲିସ ଏଥିପ୍ରତି ଅଧିକ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି କରାଯାଉଛି ।

## କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୁଧରେ ଅଭିଯୋଗ ଆଣିଛନ୍ତି ସେହି ପଞ୍ଚାୟତର ସରପଞ୍ଚ

ବାଲେଶ୍ୱର,(ପିଏନ) : ଜଣେ କାର୍ଯ୍ୟରତ ଅଧିକାରୀଙ୍କ ବିରୁଧରେ ଅଭିଯୋଗ ଆଣିଛନ୍ତି ସେହି ପଞ୍ଚାୟତର ସରପଞ୍ଚ । ସୂଚନା ଅନୁଯାୟୀ ସୋଜନାଗଡ ପଞ୍ଚାୟତର ସରପଞ୍ଚ ସବିତା ଖାଲପାଳିଆ ନିଜ ପଞ୍ଚାୟତରେ କାର୍ଯ୍ୟରତ କାର୍ଯ୍ୟନିର୍ବାହୀ ଅଧିକାରୀ ଯମୁନା ହେମ୍ବରମ୍‌ଙ୍କ ବିରୁଧରେ ଅଭିଯୋଗ ଆଣିଛନ୍ତି । ନୀଳଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଚିଠି ନମ୍ବର ୪୨୦୩ ମୂଳେ ସୋଜନାଗଡ ପଞ୍ଚାୟତରେ ଅବସ୍ଥିତ ଗାଡିଆ ପୋଖରୀ ଦୈନିକ ହାଟ ଇତ୍ୟାଦିର ନିଲାମ କରିବା କଥା । ମାତ୍ର ନିର୍ବାହୀ ଅଧିକାରୀଜଣଙ୍କ ସରପଞ୍ଚ ତଥା ୱାର୍ଡ ସଭ୍ୟମାନଙ୍କୁ ଉପେକ୍ଷା କରି ଏବଂ ନିର୍ଦ୍ଧାରିତ ନିଲାମ ତାରିଖରେ କୌଣସି ପ୍ରକାର ନିଲାମ କାର୍ଯ୍ୟ ନକରିବାରୁ ଜନଅସନ୍ତୋଷ ଦେଖାଦେଇଛି । ପଞ୍ଚାୟତର ରାଜସ୍ୱ କ୍ଷତି ହେବ ବୋଲି ଉପସ୍ଥିତ ଜନସାଧାରଣ ଅଭିଯୋଗ କରି ବିଡିଓଙ୍କୁ ତୁରନ୍ତ ହସ୍ତକ୍ଷେପ କରିବା ପାଇଁ ଦାବି କରିଛନ୍ତି ।

# ସମସ୍ୟା ଘେରରେ ଚକବନ୍ଦୀ ଯୁଗ୍ମ କମିଶନରଙ୍କ ଅଫିସ୍

### ୪ ମାସ ହେଲା ଖାଲି ପଡିଛି କମିଶନରଙ୍କ ପଦ

ବାଲେଶ୍ୱର,(ପିଏନ) : ସହରର ଏଡିଏମ ଛକ ନିକଟରେ ଥିବା ଚକବନ୍ଦୀ ବନ୍ଦୋବସ୍ତ ବିଭାଗର ଅତିରିକ୍ତ ତଥା ଯୁଗ୍ମ କମିଶନରଙ୍କ ଅଦାଲତ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି । ଏହି ଅଦାଲତରେ ଉଭୟ ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାର ମାମଲାଗୁଡିକର ଶୁଣାଣୀ ହେଉଥିବା ବେଳେ ଏବେ ସାଢେ ୬ ହଜାରରୁ ଅଧିକ ମାମଲା ବିଚାର ଅପେକ୍ଷାରେ ରହିଛି । କାରଣ ପୂର୍ବତନ କମିଶନରଙ୍କ ଅବସର ପରେ ୪ ମାସ ହେବ କୌଣସି ନୂତନ କମିଶନର ପହଞ୍ଚିନାହାନ୍ତି । ତେଣୁ ପ୍ରତିଦିନ ଉଭୟ ଜିଲ୍ଲାର ଅଭିଯୋଗକାରୀମାନେ ନିରାଶ ହୋଇ ଫେରୁଛନ୍ତି । ପୂର୍ବରୁ ଏହି ଅଦାଲତରେ ଶୁଣାଣୀ ହେଉଥିଲା । ମାତ୍ର ଚଳିତ ବର୍ଷ ଜୁନ୍ ମାସଠାରୁ ପୂର୍ବତନ ବିଚାରପତି ତଥା କମିଶନରଙ୍କ ଅବସର ପରେ ଅଦାଲତର କାର୍ଯ୍ୟ ନିଷ୍କ୍ରିୟ ହୋଇଯାଇଥିବା ଜଣାପଡିଛି । ବାରମ୍ବାର ଅଭିଯୋଗ ପରେ ଅଗଷ୍ଟ ମାସ ୨୨ ତାରିଖରେ ଆରଡିସି କଟକର ଏଡିସିନାଲ ସେକ୍ରେଟାରୀ ଧନଞ୍ଜୟ ହେମ୍ବ୍ରମ୍‌ଙ୍କୁ ବାଲେଶ୍ୱର କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ଅର୍ପଣ କରାଯାଇଛି । କମିଶନର ଦାୟିତ୍ୱ ଅର୍ପଣ କରାଯାଇଥିଲେ ମଧ୍ୟ ତାଙ୍କୁ ବିଚାର ବିଭାଗୀୟ ଦାୟିତ୍ୱ ଅର୍ପଣ କରାଯାଇନାହିଁ । ଫଳରେ ମାମଲାର ଶୁଣାଣୀ ହୋଇପାରୁନାହିଁ । କଟକର ଆରଡିସି ଦାୟିତ୍ୱରେ ଥିବା ଯୋଗୁଁ ବାଲେଶ୍ୱରକୁ ସପ୍ତାହରେ ଦୁଇ ଦିନ ଆସିବେ ବୋଲି ସୂଚନା ମିଳିଛି । ତେବେ ବିଭାଗୀୟ ଅଦାଲତରେ ଉଭୟ ଜିଲ୍ଲାରୁ ମାସକୁ ହାରାହାରି ୧୦୦ଟି ମାମଲା ରୁଜୁ ହୋଇଥାଏ । ତେଣୁ ଏହି ମାମଲାଗୁଡିକ ମଧ୍ୟରୁ ଜୁନ୍ ମାସରୁ ଅଗଷ୍ଟ ମାସ ଶେଷ ସୁଦ୍ଧା ୬,୫୩୪ଟି ମାମଲା ବିଚାର ଅପେକ୍ଷାରେ ରହିଛି । ତେଣୁ ମାମଲାଗୁଡିକର ଶୁଣାଣୀ ପାଇଁ ବାଲେଶ୍ୱରରେ ନିଯୁକ୍ତ କମିଶନରଙ୍କୁ ଯଥା ଶୀଘ୍ର ଦାୟିତ୍ୱ ଅର୍ପଣ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି । ଅନ୍ୟପକ୍ଷରେ ଉକ୍ତ ଅଦାଲତରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନଥିବାରୁ ଅନେକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ପରିଲକ୍ଷିତ ହେଉଛି । ରକ୍ଷଣାବେକ୍ଷଣ ଅଭାବରୁ ଅଦାଲତର ପରିସର ଅନାବନା ଗଛଲତାରେ ଜଙ୍ଗଲ ମଧ୍ୟ ପାଲଟିଛି । ଛପର ପୁରଣା ହୋଇଯାଇଥିବାରୁ ବର୍ଷା ହେଲେ ପାଣି ଗଳୁଛି । ସୌଚାଳୟର ଉଚିତ୍ ବ୍ୟବସ୍ଥା ନଥିବାରୁ କର୍ମଚାରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହିପରି ନାନା ସମସ୍ୟା ଦେଇ ଗତି କରୁଥିବା ଏହି ଯୁଗ୍ମ କମିଶନରଙ୍କ ଅଦାଲତ ପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି କରାଯାଉଛି ।

## ଶାନ୍ତି ଶୃଙ୍ଖଳାର ସହ ଶେଷ ହେଲା ମହରମ୍

ବାଲେଶ୍ୱର,(ପିଏନ): ବାଲେଶ୍ୱର ସହରରେ ମହାଆଡମ୍ବରରେ ମହରମ୍ ପର୍ବ ପାଳିତ ହୋଇଯାଇଛି । ବୁଧାବର ରାତି ୧୧ଟାରୁ ବିଭିନ୍ନ ସାହି ବସ୍ତିରୁ ଆଖଡା ବାହାରି ଗୁରୁବାର ସକାଳେ ଶେଷ ହୋଇଥିଲା । ଆର୍ତ୍ତକବିରାଜ ରୋଡ, ଫୁଲବଜାର, ଖଲାସିମହଲା ଆଦି ଅଞ୍ଚଳରୁ ବିଭିନ୍ନ କମିଟି ପକ୍ଷରୁ ସୁସଜିତ ଆଲୋକମାଳାର ତାଜିଆ ବାହାର କରିବା ସହ ଆଖଡା ପ୍ରଦର୍ଶନ କରିଥିଲେ । ମୋଟ୍ ୧୪ଟି ଦଳ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଗୋଳାପୋଖରୀଠାରୁ ସମସ୍ତ ଆଖଡା ଦଳ ଆଖଡା ପ୍ରଦର୍ଶନ କରି ଦରଘା ପଡିଆରେ ପହଞ୍ଚିଥିଲେ । ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ୮ ପ୍ଲାଟୁନ୍ ଫୋର୍ସ ମୂତୟନ କରାଯାଇଥିଲା । ଏସପି ବି. ଯୁଗଳ କିଶୋର, ଅତିରିକ୍ତ ଏସପି ତପନ କୁମାର ପଟ୍ଟନାୟକ, କ୍ରାଉମ ଡିଏସପି ଉମେଶ ଚନ୍ଦ୍ର ପଣା, ଡିଏସପି ମନୋଜ ରାଉତ, ଟାଉନ ଥାନାଧିକାରୀ, ସହଦେବଖୁଣ୍ଟା ଥାନାଧିକାରୀ, ଟ୍ରାଫିକ୍ ଥାନାଧିକାରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।

### ସ୍କୁଲ ପିଲାଙ୍କ ପରିବା କିଣା ଭିଡିଓ ଭାଇରାଲ

## ବିବାଦରେ ଫସିଲେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ

ବାଲେଶ୍ୱର,(ପିଏନ): ଦିନକୁ ଦିନ ଶିକ୍ଷକମାନଙ୍କର ଅବହେଳା ପାଇଁ ସରକାରୀ ବିଦ୍ୟାଳୟଗୁଡିକରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ କମିବାରେ ଲାଗିଛି । ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବାକୁ ସରକାର ବିଭିନ୍ନ ସଂସ୍କାରମୂଳକ ଯୋଜନା ହାତକୁ ନେଉଥିଲେ ମଧ୍ୟ ତାହା କେବଳ ଯୋଜନାରେ ସୀମିତ ରହୁଛି । ମାତ୍ର ସରକାରୀ ସ୍କୁଲ ଶିକ୍ଷା ବ୍ୟବସ୍ଥାକୁ କେତେକ ଶିକ୍ଷକ ଶିକ୍ଷୟତ୍ରୀ ପ୍ରହସନରେ ପରିଣତ କରିବାକୁ ଲାଗିଛନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ବାହାନଗା ବ୍ଲକରେ ଦେଖିବାକୁ ମିଳିଛି । ପ୍ରବଳ ବର୍ଷାରେ ୩ ଜଣ ସ୍କୁଲ ପିଲାକୁ ଶିକ୍ଷୟିତ୍ରୀ ପରିବା କିଣି ଆଣିବା ପାଇଁ ବରାଦ୍ କରିଛନ୍ତି । ସ୍କୁଲ ପିଲା ପରିବା କିଣୁଥିବା ବେଳେ ଗ୍ରାମବାସୀ ଏହାର ଭିଡିଓ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ଅପଲଡ କରିଛନ୍ତି । ଖବର ପାଇ ବ୍ଲକ ଶିକ୍ଷାଧିକାରୀଣି ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ ମଧ୍ୟ ଅଭିଭାବକ ମଧ୍ୟରେ ଚିନ୍ତାର ବିଷୟ ହୋଇଛି । ସୂଚନା ଅନୁଯାୟୀ ବାହାନଗା ବ୍ଲକ ବରିପଦା ପଞ୍ଚାୟତ ହେରଙ୍ଗ ପ୍ରାଥମିକ ବିଦ୍ୟାଳର ତିନି ଜଣ ପିଲା ବର୍ଷା ହେଉଥିବା ବେଳେ ହେରଙ୍ଗ ବଜାରରେ ଏକ ପରିବା ଦୋକାନରୁ ଆଳୁ କିଣୁଥିଲେ । ପିଲାମାନେ ସ୍କୁଲ ଡ୍ରେସରେ ଥାଇ ବର୍ଷାରେ ପରିବା କିଣୁଥିବା ଦେଖି ଜଣେ ଅଭିଭାବକ ଏହାର ଫଟୋ ଉଠାଇବା ସହ କିଏ ପରିବା ଆଣିବାକୁ କହିଛି ବୋଲି ପିଲାମାନଙ୍କୁ ପଚାରିଥିଲେ । ମୀନତି ଦିଦି ୫୦ଟଙ୍କା ଦେଇ ଆଳୁ ଓ ସଲରା ନେବା ପାଇଁ ପଠାଇଥିବାର ସେହି ପିଲାମାନେ କହିଥିଲେ । ଅଭିଭାବକ ଜଣଙ୍କ ଘଟଣା ସମ୍ପର୍କରେ ସ୍କୁଲ ପରିଚାଳନା କମିଟି ସଭାପତିଙ୍କୁ ଅବଗତ କରାଇଥିଲେ । ସମ୍ପୃକ୍ତ ଦିଦି ମୀନତି ସେଠୀ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିବା ବେଳେ ସେ ଅନେକ ସମୟରେ ବିଳମ୍ବରେ ସ୍କୁଲ ଆସୁଥିବା ମଧ୍ୟ ଜଣାପଡିଥିଲା । ପିଲା ବର୍ଷାରେ ଭିଜି ପରିବା କିଣିବା ବାବଦରେ ପଚାରିବାରୁ ସେ ଘଟଣାକୁ ଫାଙ୍କି ଦେଇଥିଲେ । ଘଟଣା ଉପରେ ବିଇଓଙ୍କୁ ପଚାରି ଦୃଷ୍ଟି ଆକର୍ଷଣ କରାଯିବାରୁ ତଦନ୍ତରେ ଦୋଷୀ ସାବ୍ୟସ୍ତ ହେଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ ।

# ନବାଗତଙ୍କୁ ଭରସା ମହଙ୍ଗା ପଡିଲା : ବିଜେପିରେ ନେତୃତ୍ୱ ସଂକଟ

ଭଦ୍ରକ, (ପିଏନ)- ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ଫେଲ୍ ମାରିଛି ବିଜେପିର ନିର୍ବାଚନ ରଣନୀତି । କ୍ଷମତା ହାସଲ ପାଇଁ ଦଳ ଆପଣେଇଥିବା ନେତୃତ୍ୱ ପରିବର୍ତ୍ତନ ରାଜନୀତି ଦଳ ପାଇଁ ବେକାର ସାବ୍ୟସ୍ତ ହୋଇଛି । ଦଳର ପୁରୁଣା ନେତାଙ୍କୁ ଉପେକ୍ଷା କରି ନବାଗତଙ୍କ ଉପରେ ଭରସା କରିବା ଦଳପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ଯାହାର ପ୍ରତିଫଳନ ଏବେ ଦଳୀୟ ନେତୃତ୍ୱ ଉପରେ ପ୍ରତିଫଳିତ ହୋଇଛି । ପରାଜୟ ପରେ ଦଳୀୟ ନେତୃତ୍ୱ ନେବାକୁ ନିର୍ବାଚନ ମଣ୍ଡଳୀରେ ଏବେ ଦଳର ସେହି ଧରଣର ନେତା ନାହାଁନ୍ତି କିମ୍ବା ନେତୃତ୍ୱ ନାହିଁ । ଯାହାକୁ ନେଇ ଏବେ ବାସୁଦେବପୁର ବିଜେପି ରାଜନୀତି ଏକ ପ୍ରକାର ଅସହାୟ ହୋଇ ପଡିଥିବା କୁହାଯାଉଛି । ଦଳୀୟ ଟିକେଟରୁ ଅନ୍ତର କରାଯାଇଥିବା ଯୋଗୁଁ ଦଳର ପୁରୁଣା ନେତା ଦୀନବନ୍ଧୁ ପତି ସଂଗଠନ ଠାରୁ ନିଜକୁ ଦୂରେଇ ନେଇଥିବା ବେଳେ କ୍ରମାଗତ ପରାଜୟ ଦଳର ନବାଗତ ନେତା ମାଧ ମଲିକଙ୍କୁ ଏକ ପ୍ରକାର ଅସହାୟ କରିପକାଇଛି । ଗତ ନିର୍ବାଚନରେ ଦଳ ଏହି ଆସନକୁ ହାତେଇବା ସକାଶେ ଦୀନବନ୍ଧୁ ପତିଙ୍କୁ ଅନ୍ତର କରି ନବାଗତ ମାଧବାନନ୍ଦ ମଲ୍ଲିକଙ୍କୁ ଦଳୀୟ ଟିକେଟ୍ ଦେଇଥିଲା । ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଜଣେ ଟାଣୁଆ ନେତା ଭାବେ ମାଧବାନନ୍ଦ ଦଳ ପାଇଁ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଥିଲା । ହେଲେ ଗତ ନିର୍ବାଚନରେ କଂଗ୍ରେସରୁ ଲଢି ମାଧବାନନ୍ଦ ଯେତିକି ଭୋଟ ପାଇଥିଲେ ଦଳ ପରିବର୍ତ୍ତନ କରି କେବଳ ପରାଜି ହେଲେନାହିଁ । ପରନ୍ତୁ ପ୍ରତିଦ୍ୱନ୍ଦ୍ୱିତାରେ ତୃତୀୟ ସ୍ଥାନକୁ ଖସି ଆସିଥିଲେ । ଗତ ପଂଚାୟତ ନିର୍ବାଚନରେ ଦଳର ଜିଲା ପରିଷଦ ପ୍ରାର୍ଥୀ ପ୍ରାୟ ୪୬ ହଜାରରୁ ଉର୍ଦ୍ଧ୍ୱ ଭୋଟ୍ ପାଇଥିବା ବେଳେ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ମାତ୍ର ୩୫ ହଜାର ଭୋଟରେ ସନ୍ତୁଷ୍ଟ ରହିବାକୁ ପଡିଥିଲା । ସବୁଠାରୁ ବଡ କଥା ହେଲା ଦଳର ବିଧାନସଭା ପ୍ରାର୍ଥୀ ଭାବେ ମାଧବାନନ୍ଦଙ୍କୁ ମାତ୍ର ୩୫ ହଜାର ଭୋଟ ମିଳିଥିବା ବେଳେ ଦଳର ସଂସଦୀୟ ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କୁ ୬୧ ହଜାରରୁ ଉର୍ଦ୍ଧ୍ୱ ଭୋଟ ମିଳିଥିଲା । ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଥିଲା ଯେ ହୁଏତ ମାଧବାନନ୍ଦଙ୍କ ବିରୁଦ୍ଧରେ ଦଳରେ ଅନ୍ତର୍ଘାତୀ ହୋଇଥିଲା ନଚେତ୍ ତାଙ୍କର ବିଜେପିର ଯୋଗଦାନକୁ ଦଳର ସବୁ ବର୍ଗର ଭୋଟର ସହଜରେ ଗ୍ରହଣ କରିପାରିନଥିଲେ । ନିର୍ବାଚନର ଏହି ପରାଜୟ ଏବେ ମାଧବାନନ୍ଦଙ୍କୁ ସଂପୂର୍ଣ୍ଣ ଭାବେ ଅସହାୟ କରିଦେଇଥିବା କୁହାଯାଉଛି । କ୍ରମାଗତ ପରାଜୟ ସହିତ ବୟସାଧିକ ଅସୁସ୍ଥତା ତାଙ୍କୁ ଆଉ ସକ୍ରିୟ ରାଜନୀତିରେ ତିଷ୍ଠି ରହିବା ନେଇ ସନ୍ଦେହ ସୃଷ୍ଟି କରିଛି । ତେଣେ ଦଳୀୟ ଟିକେଟରୁ ଅନ୍ତର କରି ଦୀନବନ୍ଧୁଙ୍କ ଦଳ ରାଜ୍ୟ ପ୍ରବକ୍ତା ଭାବେ ନିଯୁକ୍ତି ଦେଇଥିଲେ ମଧ୍ୟ ରାଜ୍ୟ ରାଜନୀତି କଥା ଦୂରକୁ ଥାଉ ଜିଲା ରାଜନୀତିରୁ ଦୀନବନ୍ଧୁ ଏକ ପ୍ରକାର ଅନ୍ତର ହୋଇ ଯାଇଥିବା ପରିଲକ୍ଷିତ ହୋଇଛି । ଦଳର ଅନ୍ୟତମ ରାଜ୍ୟ ପ୍ରବକ୍ତା ସହିତ ରାଜ୍ୟ କାର୍ଯ୍ୟକାରିଣୀରେ ଥାଇ ମଧ୍ୟ ଜିଲାସ୍ତରରେ ଗୋଟିଏ ହେଲେ ଦଳୀୟ କାର୍ଯ୍ୟକ୍ରମରେ ତାଙ୍କୁ ଦେଖିବାକୁ ମିଳୁନି । ଏଥିନେଇ ଦୀନବନ୍ଧୁଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ କହିଥିଲେ ନୂଆ ନିଯୁକ୍ତି ପରେ ତାଙ୍କୁ ଗତ ୩ ମାସ ମଧ୍ୟରେ କେବଳ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଥରକ ପାଇଁ ଡକାଯାଇଥିବାବେଳେ ଜିଲା କାର୍ଯ୍ୟକ୍ରମରେ ସାମିଲ ହେବା ଦୂରକୁ ଥାଉ ଜିଲା କାର୍ଯ୍ୟକ୍ରମ ସଂପର୍କରେ ତାଙ୍କୁ କୌଣସି ସୂଚନା ମଧ୍ୟ ଦିଆଯାଉନାହିଁ । ସେହିଭଳି ବାସୁଦେବପୁର ବିଧାନସଭା ନିର୍ବାଚନରେ ତାଙ୍କୁ ଦଳୀୟ ଟିକେଟ୍ ଦିଆନଯିବା ପଛରେ ବିଧିବଦ୍ଧ ଷଡଯନ୍ତ୍ର ରହିଥିଲା ବୋଲି ସେ ଅଭିଯୋଗ କରିଛନ୍ତି । ବାସୁଦେବପୁର ବିଜେପି ରାଜନୀତିରୁ ତାଙ୍କୁ ହଟାଇବା ସକାଶେ ନିଜ ଦଳର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଏହି ଷଡଯନ୍ତ୍ର ରଚନା କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି । ଯାହାକି ଦଳୀୟ ପରାଜୟର ମୁଖ୍ୟ କାରଣ ବୋଲି ସେ କହିଛନ୍ତି । ତେବେ ଦଳୀୟ ପରାଜୟ ପରେ ଏବେ ବାସୁଦେବପୁର ବିଜେପି ସଂଗଠନକୁ ପୁଣି ସଂଗଠିତ କରିବାର ସମୟ ଆସିଛି । ରାଜ୍ୟ ହାଇକମାଣ୍ଡ ଦଳର ବିପର୍ଯ୍ୟୟର ସମୀକ୍ଷା କରିବା ସହିତ ଦଳକୁ ସଂଗଠିତ କରିବାକୁ ଉପଯୁକ୍ତ ନେତୃତ୍ୱ ଦେବାକୁ ସେ ଦାବୀ କରିଛନ୍ତି । ତାହା ନହେଲେ ଆଗକୁ ଏହି ନିର୍ବାଚନ ମଣ୍ଡଳୀରେ ଦଳୀୟ ସ୍ଥିତି ଅଧିକ ଜଟିଳ ନହେବ, ତାହା କୁହାଯାଇପାରିବ ନାହିଁ ବୋଲି ସେ କହିଛନ୍ତି ।

## ନାଗରିକ ଅଧିକାର ସୁରକ୍ଷା ଓ ଦୁର୍ନୀତି ନିବାରଣ ସଂଘର ବୈଠକ

ବାଲେଶ୍ୱର,(ପିଏନ): ନାଗରିକ ଅଧିକାର ସୁରକ୍ଷା ଓ ଦୁର୍ନୀତି ନିବାରଣ ସଂଘ ବାଲେଶ୍ୱରର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ନାରୀ ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ପୂର୍ବତନ ପ୍ରଶାସକ ବୈଦନାଥ ଷଡଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବାଲେଶ୍ୱର ମେଡିକାଲ କଲେଜର ବିଭିନ୍ନ ଅବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଯଥାର୍ଥତା ନଥାଇ ରୋଗୀଙ୍କୁ କଟକ, ଭୁବନେଶ୍ୱର ରେଫର କରାଯାଉଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏହାର ସମାଧାନ ପାଇଁ ଜିଲ୍ଲାପାଳ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ସାକ୍ଷାତ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଚଳିତ ବର୍ଷ କେତେକ ସରକାରୀ ବ୍ୟବସ୍ଥା ସମ୍ପର୍କରେ ସାଧାରଣ ଲୋକ ସଚେତନ ନହୋଇ ବିଭିନ୍ନ ଅସୁବିଧାରେ ପଡୁଥିବାରୁ ସେ ସମ୍ପର୍କରେ ମଧ୍ୟ ସଚେତନତା କରିବାକୁ ନିଷ୍ପତି ହୋଇଥିଲା । ପରିବେଶ ସୁରକ୍ଷା ଦୃଷ୍ଟିରୁ ଚାରା ରୋପଣ କରାଯିବାକୁ ମଧ୍ୟ ସ୍ଥିର କରାଯାଇଥିଲା । ଏହି ବୈଠକରେ ସମ୍ପାଦକ ଦିପ୍ତୀକାନ୍ତ ମିଶ୍ର, ମନୋରଞ୍ଜନ ପାଲ୍, ଅପର୍ଣ୍ଣା ମହାପାତ୍ର, ଗୋପାମୁଦ୍ରା ମହାପାତ୍ର, ବାସନ୍ତୀ ନାୟକ, ହେମଲତା ଦାସ, ଯଶୋଦା ନନ୍ଦନ ଆସ୍, ଉପେନ୍ଦ୍ର ନାଥ ପାତ୍ର, ମଦନ ଖଣ୍ଡେଲୱାଲ୍, ନବ ପୋଥାଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହମ କରିଥିଲେ ।

# ଦେଶର ୧୫ କୋଟି ଗ୍ରାମାଂଚଳ ପରିବାରକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦିଆଯିବ : କେନ୍ଦ୍ରମନ୍ତ୍ରୀ ଶେଖାୱାତ୍

ପୁରୀ, (ପିଏନ)- ଓଡିଶାର ପ୍ରତି ଗାଁର ପ୍ରତି ଘରେ ଶୁଦ୍ଧ ପାନୀୟଜଳ ପହଂଚିବା ପାଇଁ କେନ୍ଦ୍ର ସରକାର ଅନେକ ପଦକ୍ଷେପ ନେଇଛନ୍ତି । ଏ ସଂପର୍କରେ ଗୁରୁବାର ପୂର୍ବାହ୍ନରେ ହୋଟେଲ ମେ ଫାୟାର ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଥିଲା । ଜଳ-ଜୀବନ-ମିଶନ କର୍ମଶାଳାରେ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱାତ୍ ଯୋଗଦେବା ଅବସରରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଲେ ଜଳ-ଜୀବନ-ମିଶନ ପ୍ରଧାନମନ୍ତ୍ରୀଙ୍କ ଏକ ମେଗା ପ୍ରୋଜେକ୍ଟ । ଗ୍ରାମାଚଂଳର ସବୁ ଘରକୁ ପାଣି ପାଇପ୍ ସଂଯୋଗ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ୨୦୨୪ ମସିହା ସୁଦ୍ଧା ଏହି ପ୍ରକଳ୍ପ କାମ ଶେଷ ହେବ । ୧୪କୋଟି ୬୦ଲକ୍ଷ ଗ୍ରାମାଚଂଳ ପରିବାରକୁ ପାଣି ପାଇପ୍ ଯୋଗେ ଜଳ ଯୋଗାଇ ଦିଆଯିବ । ଏଥିପାଇଁ ୩.୬୦ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ବିଭିନ୍ନ ଆଂଚଳିକ ସ୍ତରରେ କର୍ମଶାଳା କରାଯାଇ ଏହି ପ୍ରକଳ୍ପ ସଂପର୍କରେ ସୂଚନା ଦିଆଯିବ । ଦେଶରେ ୫ଟି ସ୍ଥାନରେ ଜଳ-ଜୀବନ-ମିଶନର କର୍ମଶାଳା ଅନୁଷ୍ଠିତ ହେବ । ପ୍ରଥମେ ସେପ୍ଟମ୍ବର ୩, ୪ ତାରିଖରେ ଚଣ୍ଡିଗଡ଼ ଠାରେ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ କର୍ମଶାଳା ପୂର୍ବାଚଂଳ ପାଇଁ ପୁରୀ ଠାରେ ଅନୁଷ୍ଠିତ ହୋଇଛି । ଏହି କର୍ମଶାଳାରେ ବିହାର, ଛତିଶଗଡ, ଝାଡଖଣ୍ଡ, ଓଡିଶା, ରାଜସ୍ଥାନ, କଲିକତା ଆଦି ରାଜ୍ୟମାନେ ଯୋଗଦେଇଛନ୍ତି । ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଅଦ୍ୱୈତ ଅଧିକାରୀ ଓ ରାଜ୍ୟସରକାରଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆଗେଇ ନେବା ପାଇଁ ଯୋଜନା ରହିଛି ।

କେନ୍ଦ୍ରମନ୍ତ୍ରୀ କହିଲେ, କେନ୍ଦ୍ର ସରକାର ଗ୍ରାମାଚଂଳର ସବୁ ଘରକୁ ବିଜୁଳି, ସବୁ ଗାଁକୁ ସଡକ, ଗ୍ୟାସ ଓ ଏବେ ପାନୀୟଜଳ ଯୋଗାଇବା ପାଇଁ ବଦ୍ଧପରିକର । ନଦୀଗୁଡିକରୁ କିଭଳି ପାନୀୟଜଳ ପ୍ରସ୍ତୁତ କରାଯାଇ ଘରେ ଘରେ ପହଂଚିବ ସେଥିପାଇଁ ଯୋଜନା କରାଯାଇଛି । ଦେଶର ସାଧାରଣ ଲୋକମାନଙ୍କର ମାନ ପରିବର୍ତନ ପାଇଁ କେନ୍ଦ୍ର ସରକାର ସଦା ଚେଷ୍ଟିତ । ଭୂତଳ ଜଳ ସଂରକ୍ଷଣ ପାଇଁ ଅନେକ କାମ ହାତକୁ ନିଆଯାଇଛି । ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପାନୀୟଜଳ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କହିଲେ ଓଡିଶାର ସବୁ ଘରେ ପାଣି ପହଂଚିବା ପାଇଁ ରାଜ୍ୟ ସରକାର ବହୁ ପୂର୍ବରୁ ବସୁଧା ଯୋଜନା ଆରମ୍ଭ କରିଛନ୍ତି । ରାଜ୍ୟରେ ୪୮ପ୍ରତିଶତ ପରିବାରକୁ ପାନୀୟଜଳ ଯୋଗାଇ ଦିଆଯାଉଛି । କେନ୍ଦ୍ର ସରକାର ଅଧିକ ଅର୍ଥ ମଞ୍ଜୁର କଲେ ୬୫ପ୍ରତିଶତ ଘରକୁ ପାଣି ଯୋଗାଇ ଦିଆଯିବ । ରାଜ୍ୟ ସରକାର ଏଥିପାଇଁ ବଜେଟରେ ୩ହଜାର କୋଟି ଖର୍ଚ୍ଚ କରୁଥିବା ବେଳେ କେନ୍ଦ୍ର ସରକାର ୩୦୦କୋଟି ଟଙ୍କା ଦେଇଛି । ପୁରୀର ଭୂତଳ ଜଳ ସଂରକ୍ଷଣ ପାଇଁ ଅନେକ ବ୍ୟବସ୍ଥା କରାଯାଇଛି । ମୂଷାନଦୀ ଓ ମଙ୍ଗଳାନଦୀର ଉନ୍ନତିକରଣ କରାଯିବ । ପୁରୀ ସହରର ପ୍ରାକୃତିକ ଉପାୟରେ ଥିବା ଡ୍ରେନେଜ ସିଷ୍ଟମ ସ୍ଥାନରେ ବହୁତଗୁଡିଏ ଘର ନିର୍ମାଣ କରାଯାଇଥିବାରୁ ପାଣି ନିଷ୍କାସନ ହେବାରେ ବାଧାସୃଷ୍ଟି ହେଉଛି । ମେଗା ପ୍ରୋଜେକ୍ଟ ଜରିଆରେ ସମସ୍ତଙ୍କୁ ପାଣି ଯୋଗାଇ ଦିଆଯିବ ।




# ପିଲାଙ୍କ ରକ୍ତ ଶିକୁଳି ରୋଗ



ପ୍ରତିବର୍ଷ ୧୯ଜୁନ ପାଳିତ ହୋଇଥାଏ ବିଶ୍ୱ ସିକିଲ୍‌ସେଲ ବା ରକ୍ତ ଶିକୁଳି ଦିବସ। ମଣିଷ ଶରୀରରେ ସାଧାରଣତଃ ଅଭ୍ୟନ୍ତରରେ ଥିବା ଲୋହିତ ରକ୍ତ କଣିକାର ଅନିୟମିତ ବୃଦ୍ଧିକୁ ଡାକ୍ତରୀ ଭାଷାରେ ସିକଲସେଲ ଆନାମିଆ ବା ରକ୍ତ ଶିକୁଳି କୁହାଯାଏ। ପ୍ରାଥମିକ ସମୟରେ ଏହାକୁ ନଜାଣି ପାରିବା ବା ଅବହେଳା କରିବା ଦ୍ୱାରା ଏହା ଶରୀରରେ ଅତ୍ୟନ୍ତ ବିପଦଜନକ ପରିସ୍ଥିତି ସୃଷ୍ଟି କରେ। ସାଧାରଣତଃ ମଣିଷ ଶରୀରରେ ଥିବା ଲୋହିତ ରକ୍ତ କଣିକା ଗୁଡ଼ିକ ଗୋଲ ବା ଚକ୍ରାକାର ହୋଇଥିବାବେଳେ ଏଥିରେ କିନ୍ତୁ ଲୋହିତ ରକ୍ତ କଣିକା ଅର୍ଦ୍ଧ ଚନ୍ଦ୍ରାକାର କଣିକା ପରି ସୃଷ୍ଟି ହୋଇଥାଏ। ଲୋହିତ ରକ୍ତ କଣିକାରେ ଅଧିକ ପରିମାଣର ଲୌହସାର ଯୁକ୍ତ ହେମୋଗ୍ଲୋବିନ ଥାଏ ଏହା ଏକ ଭାରବାହୀ କାର୍ଯ୍ୟ କରିବା ପରି ଫୁସ୍‌ଫୁସ୍‌ରୁ ସମଗ୍ର ଶରୀରରେ ଅମ୍ଳଜାନ ପରିବହନ କରିଥାଏ। ରକ୍ତ ଶିକୁଳି ରୋଗଟି ଲୋହିତ ରକ୍ତ କଣିକାର ହେମୋଗ୍ଲୋବିନ ଧାରଣା କ୍ଷମତାକୁ ନଷ୍ଟ କରିଦେଇଥାଏ ଯାହାଦ୍ୱାରା ଶରୀରରେ ରକ୍ତ ଅଭାବ ସୃଷ୍ଟି ହୋଇ ମୃତ୍ୟୁମୁଖରେ ପଡ଼ିବା ସାର ହୋଇଥାଏ। ସଚେତନତାର ଅଭାବ, ଅପପୁଷ୍ଟିର ଶିକାର, କମ ବିଶ୍ରାମ, ଅଧିକ ପ୍ରଜନନ ଓ ସଠିକ ବିଶ୍ରାମ ଆଦି ବିଭିନ୍ନ କାରଣରୁ ଆଦିବାସୀ ମହିଳାମାନେ ଏହି ରୋଗକୁ ଅଧିକ ଭାବରେ ସାମ୍ନା କରିଥାନ୍ତି। ୧୯୫୨ ମସିହାରେ ଏହି ରୋଗର ଜିନ୍ ଭାରତର ତାମିଲନାଡୁସ୍ଥିତ ନୀଳଗିରି ପାର୍ବତ୍ୟାଞ୍ଚଳରେ ତା ପାର୍ଦୁଭାବ ଦେଖାଇଥିଲା। ସାଧାରଣତଃ ପ୍ରଶ୍ନ ଉଠିଥାଏ ରକ୍ତ ଶିକୁଳି ସମସ୍ୟାକୁ କିପରି ପିଲାଙ୍କ ଠାରେ ଜାଣି ହେବ? ପିଲାଙ୍କ ଠାରେ ଜଣ୍ଡିସର ଅନେକ ପ୍ରାଥମିକ ଲକ୍ଷଣ ଏହି ସିକ୍‌ଲସେଲ ଆନିମିଆର ହିଁ ସମ୍ଭାବନା ଯାହାଦ୍ୱାରା ପିଲାଟିର ଶରୀରରେ ଲୋହିତ ରକ୍ତ କଣିକା ପ୍ରଭାବିତ ହୋଇ ପିଲାଟିର କେବଳ ଆଖି ନୁହଁ ଚର୍ମ ମଧ ଏକ ପ୍ରକାର ହଳଦିଆ ଦେଖାଯାଏ। ଏହା ସହ ହାତ, ଗୋଡ଼, ପେଟ, ଛାତି ଓ ଶରୀରର ଅନ୍ୟ ଅଭ୍ୟନ୍ତର ସ୍ଥାନରେ ପିଲାଟି ଅସହ୍ୟ ଯନ୍ତ୍ରଣାକୁ ସାମ୍ନା କରି ଛଟପଟ ହୁଏ। ତାର ଯେଉଁ ଅଙ୍ଗରେ ରକ୍ତ ଶିକୁଳିର ପ୍ରଦାହ ଦେଖାଯାଏ ସେହି ସ୍ଥାନକୁ ରକ୍ତ ସଞ୍ଚାର ବନ୍ଦ ହୋଇଯାଇଥିବାରୁ ଯନ୍ତ୍ରଣା ସେହିଠାରୁ ହିଁ ଶରୀରର ଭିତର ଆଡ଼କୁ ଏକ ପ୍ରକାର ମାଡ଼ି ଆସେ। ପିଲାଟି କ୍ଲାନ୍ତସ୍ଲାନ୍ତ ହୋଇଯାଏ ଓ କେତେକ କ୍ଷେତ୍ରରେ ଏହି ଯନ୍ତ୍ରଣା ସମୟରେ ପିଲାଟିକୁ ନିମୋନିଆ ଗ୍ରାସ କରିଥାଏ। ଏହାସହ ଜ୍ୱର, କଫ ଓ ଶ୍ୱାସନଳୀ ପରି ସମସ୍ୟାକୁ ମଧ୍ୟ ପିଲାଟି ସାମ୍ନା କରେ।

ରକ୍ତ ଶିକୁଳି ରୋଗଟି ପିଲାମାନଙ୍କର ପ୍ରାଥମିକ କ୍ଷେତ୍ରରେ ଦେଖାଯାଏ ଏହା ଏକ ପ୍ରକାର ଆନୁବଂଶିକ ରୋଗ। କେବଳ ବାପା ବା ମାଆ ନୁହଁନ୍ତି ପରିବାର କୌଣସି ଲୋକର ଏହି ସମସ୍ୟା ଥିଲେ ପରବର୍ତ୍ତୀ ପିଢ଼ୀ ସ୍ୱାଭାବିକ ଭାବେ ଏହାକୁ ସାମ୍ନା କରିଥାନ୍ତି। ପ୍ରାଥମିକ ଭାବେ ଶିଶୁ ରୋଗ ବିଶେଷଜ୍ଞଙ୍କ ତୁରନ୍ତ ପରାମର୍ଶ ନେବା ଜରୁରୀ। ରାଜ୍ୟ ସରକାର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା ଠାରୁ ବଡ଼ ମେଡ଼ିକାଲ ଓ ଶିଶୁଭବନ ସବୁଠାରେ ଏହାର ପରାମର୍ଶ ଓ ନିଦାନ ପାଇଁ ଅଭିଜ୍ଞ ଶିଶୁରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି କରିଛନ୍ତି। ପ୍ରଥମେ ଡାକ୍ତରଙ୍କ ପରାମର୍ଶ ନେଇ ପିଲାଟିର ରକ୍ତ ପରୀକ୍ଷା ଦ୍ୱାରା ଶରୀରରେ ହେମୋଗ୍ଲୋବିନର ମାତ୍ରା, ପରିସ୍ଥିତି ଓ ବିଷାକ୍ତ ତତ୍ତ୍ୱ ନେଇ ତଥ୍ୟ ଜଣାପଡ଼ିଥାଏ। ଆବଶ୍ୟକସ୍ଥଳେ ପିଲାଟିକୁ ଶରୀରରେ ହେମୋଗ୍ଲୋବିନର ପର୍ଯ୍ୟାପ୍ତ ମାତ୍ରା ଭାରସାମ୍ୟ ରକ୍ଷା କରିବା ପାଇଁ ରକ୍ତ ଦେବାକୁ ପଡ଼ିଥାଏ। ତେବେ ଏପରି ପରିସ୍ଥିତିରେ ପିଲାଟି ଯେପରି ଶରୀରରେ ଡିହାଇଡ୍ରେସନ ଓ ଅମ୍ଳଜାନ ଅଭାବର ସମସ୍ୟାକୁ ସାମ୍ନା ନକରେ ସେ ଦିଗକୁ ଦୃଷ୍ଟି ଦେବା ଜରୁରୀ। ଡାକ୍ତରଙ୍କ ପରାମର୍ଶ ନେଇ ପିଲାଟିକୁ ଫୁଟା ଯାଇଥିବା ବିଶୋଦ୍ଧିତ ପର୍ଯ୍ୟାପ୍ତ ପାଣି ଦିଅନ୍ତୁ। କେତେକ ପିଲାଙ୍କ କ୍ଷେତ୍ରରେ ଏହି ଚିକିତ୍ସା ଆରମ୍ଭ ହୋଇଥିବାବେଳେ ପରିପାର୍ଶ୍ୱିକ ଯନ୍ତ୍ରଣା ଓ ଶରୀରର ଅନ୍ୟ ଅଙ୍ଗକୁ ସଂକ୍ରମଣ ଓ ଷ୍ଟ୍ରୋକର ଭୟ ରହିଥାଏ। ତେବେ ଏ ନେଇ ଭୟଭୀତ ହେବାର କିଛି କାରଣ ନାହିଁ। ସାଧାରଣତଃ ରକ୍ତ ଶିକୁଳି ପରି ଏକ ଯନ୍ତ୍ରଣାଦାୟକ ଓ ଚିନ୍ତାଜନକ ମାରାତ୍ମକ ବିଶେଷ କରି ଶିଶୁରୋଗ ପାଇଁ ଓଡ଼ିଶା ସରକାର ଅନେକ ସ୍ୱାସ୍ଥ୍ୟଭିତ୍ତିକ ଯୋଜନା ହାତକୁ ନେଇଛନ୍ତି। ମାତୃଗର୍ଭରୁ ପିଲାଟିକୁ କୁପୋଷଣ ଓ ରକ୍ତହୀନତାରୁ ଦୂରେଇବା ପାଇଁ ଗର୍ଭବତୀ ମାଆଙ୍କୁ ପୁଷ୍ଟିକର ଖାଦ୍ୟ, ମାଗଣା ସ୍ୱାସ୍ଥ୍ୟପରାମର୍ଶ ଓ ପ୍ରୋତ୍ସାହନ, ବିଭିନ୍ନ ଟୀକାକରଣ ଓ ସରକାରୀ ଡାକ୍ତରଖାନାରେ ନିରାପଦ ପ୍ରସବ ପାଇଁ ଯୋଜନା ହାତକୁ ନେଇଛନ୍ତି। ସେହିପରି ରାଜ୍ୟର ସମସ୍ତ ଡାକ୍ତରଖାନାରେ ଶିଶୁରୋଗ ବିଶେଷଜ୍ଞମାନେ ଏହି ରୋଗର ଚିକିତ୍ସା ନିରାକରଣ ଓ ସଚେତନତା ପାଇଁ ଅନେକ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ସରକାରୀ ଡାକ୍ତରଖାନାରେ ମାଗଣା ଡାକ୍ତରୀ ପରାମର୍ଶ ସହ ମାଗଣା ପରୀକ୍ଷା, ନିରୀକ୍ଷା ଓ ଔଷଧ ବଣ୍ଟନ ସହ ଆବଶ୍ୟକସ୍ଥଳେ ବିନା ମୂଲ୍ୟରେ ରକ୍ତ ଭଣ୍ଡାରରୁ ଲୋଡ଼ା ପଡୁଥିବା ପିଲାମାନଙ୍କ ପାଇଁ ରକ୍ତ ମଧ ପ୍ରଦାନ କରାଯାଉଛି। ଏହାର ସୁଯୋଗ ନେବା ଜରୁରୀ। କାହାକଥା ଶୁଣି କୌଣସି ହାତ ଚିକିତ୍ସା ବା ଘରୋଇ ଚିକିତ୍ସା ପିଲଟି ଠାରେ ପ୍ରୟୋଗ କରନ୍ତୁ ନାହିଁ। ଗୁଣିଗାରେଡ଼ି ସହାୟତା ନେବା ତ ଦୂରର କଥା ପିଲାଟିର ଅଭିଭାବକମାନେ ଏହାକୁ ଚିନ୍ତା ଭିତରକୁ ଆଣନ୍ତୁ ନାହିଁ। ଡାକ୍ତରଙ୍କ ଉପରେ ବିଶ୍ୱାସ ଓ ଧୈର୍ଯ୍ୟ ରଖନ୍ତୁ। ସରକାରୀ ଡାକ୍ତରଖାନାରେ ଅଭିଜ୍ଞ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଚିକିତ୍ସା ଜାରି ରଖିବା ସହ ପିଲାଟନିକୁ ଆଶ୍ୱାସନା ଦିଅନ୍ତୁ। ଭଗବାନ ସାମୟିକ ଭାବେ ଯେଉଁ କଷ୍ଟ ଦେଇଛନ୍ତି ବୋଲି ଭାବୁଛନ୍ତି ଦେଖିବେ ଖୁବ୍ ଶୀଘ୍ର ଏ ସବୁ ଦୂର ହୋଇଯିବ କିନ୍ତୁ ଆପଣଙ୍କ ଅଧୈର୍ଯ୍ୟ ଓ ଡାକ୍ତରଙ୍କ ଅବିଶ୍ୱାସ ବା କାହାର କାନକୁହା କଥା ପିଲାଟିର ପରିସ୍ଥିତିକୁ ବିଗାଡ଼ି ଦେଇପାରେ, ଏହାକୁ ଭୁଲନ୍ତୁ ନାହିଁ। ଦେଖିବେ ଆପଣଙ୍କ ପିଲାଟି ପୁଣି ଖୁସିରେ ଫାଟିପଡ଼ିବ ଆପଣଙ୍କ ଦୁଃଖର ସଂସାର ଭିତରେ ପୁଣି ସୁଖର ଢ଼େଉ ଫେରିଆସିବ।

**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ,** ସହକାରୀ ପ୍ରଫେସର,
**ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪**

## ମୌଳିକ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ ସାଂସଦ ଅପରାଜିତା

ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱରର ପ୍ରିୟ ସାଂସଦ ଅପରାଜିତା ଷଡ଼ଙ୍ଗୀ ମହୋଦୟା ରାଜରାଣୀ ମଣ୍ଡଳସ୍ଥିତ ପାଣ୍ଡବ ନଗର, ମେଘେଶ୍ୱର ମନ୍ଦିର, ୱାର୍ଡ଼ ନମ୍ବର ୫୭, ବଡ଼ଗଡ଼ ବ୍ରିଟ୍ କଲୋନୀ ପରିଦର୍ଶନ ଓ ମେଳଣ ମଣ୍ଡପଠାରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ମେଘେଶ୍ୱର ମନ୍ଦିରରେ ଜଳ ନିଷ୍କାସନ, ୱାର୍ଡ଼ ନଂ-୫୭ରେ ନାଳପାଣି ଓ ବର୍ଜ୍ୟବସ୍ତୁ ସଠିକ୍ ପରିଚାଳନା, ରାସ୍ତାଘାଟ ମରାମତି, ଗଙ୍ଗୁଆ ନାଳର ସଫେଇ ଓ ବାସିନ୍ଦାମାନଙ୍କର ଜଳ ସମସ୍ୟା, ମୌଳିକ ସୁବିଧା ଉପରେ ଆଲୋଚନା କରିବା ସହିତ ଆଗାମୀ ଦିନରେ ପ୍ରତ୍ୟେକ ୱାର୍ଡ଼କୁ ଉତ୍ତମ ୱାର୍ଡ଼ରେ ପରିଣତ କରିବା ଓ ପରିଚାଳନା ଦିଗରେ ଉତ୍ତମ ସେବା ପ୍ରଦାନ କରିବା କ୍ଷେତ୍ରରେ ଅପରାଜିତା ମହୋଦୟା ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ଅପରାଜିତାଙ୍କ ସହିତ ବିଜେପି ପ୍ରାର୍ଥୀ ବାବୁ ସିଂ, ଷ୍ଟେଟ କୋର୍ଡ଼ିନେଟର ମାନସ ଦାସ, ମଣ୍ଡଳ ପ୍ରମୁଖ ସୁଜିତ ଜେନା, ୱାର୍ଡ଼ ମୁଖ୍ୟ ପିଙ୍କୁ ଜଗଦେବ, ଆଲୋକ ସାହୁ, ବିନ୍ଦୁଲତା ବଳିଆରସିଂ, ଡ. ପ୍ରଧାନ ଓ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତରେ ଆଲୋଚନା ସଫଳ ହୋଇଥିଲା। ସହସ୍ରାଧିକ ଲୋକ ଏବଂ ବିଭିନ୍ନ ନାରୀ ସମାଜ, ବିଭିନ୍ନ ବସ୍ତି ଲୋକଙ୍କ ଯୋଗଦାନ କାର୍ଯ୍ୟକ୍ରମଟିକୁ ସ୍ମରଣୀୟ କରିଥିଲା।

# ଶିଳ୍ପୀଗୁରୁ ବିମ୍ବାଧର ବର୍ମା



ପ୍ରାକ୍ ସ୍ୱାଧୀନତା କାଳର ପ୍ରସିଦ୍ଧ ଓଡ଼ିଆ ଚିତ୍ରଶିଳ୍ପୀଙ୍କ ମଧ୍ୟରେ ଶିଳ୍ପୀଗୁରୁ ବିମ୍ବାଧର ବର୍ମା ଅନ୍ୟତମ। ତାଙ୍କୁ ଓଡ଼ିଶାର ପ୍ରଥମ କଳା ଶିଳ୍ପୀ ଭାବେ ଗ୍ରହଣ କରାଯାଇଛି। ତାଙ୍କ ଚିତ୍ରଗୁଡ଼ିକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି। ବାସ୍ତବଧର୍ମୀ ଓ କଳ୍ପନା ବିଳାସୀ ଚିତ୍ର। ପଲ୍ଲୀବଧୂ, ଗୋଧୂଳି, ପ୍ରସାଧନ, ଗୋପିକା, ନବବଧୂର ପ୍ରସାଧନ, ରାଗିଣୀ ଆଦି ବାସ୍ତବଧର୍ମୀ ଚିତ୍ର। ଶକୁନ୍ତଳା, ବାଲିରଥ, ମେଘଦୂତ, ଲାବଣ୍ୟବତୀ, ଦେବଦାସୀ ଆଦି କଳ୍ପନାରୁ ସୃଷ୍ଟ। ଶୈଶବରୁ ବିମ୍ବାଧର ଥିଲେ କଳାନୁରାଗୀ। ସେ ବିଧିବଦ୍ଧ ଭାବେ କୌଣସି କଳା ବିଦ୍ୟାଳୟରେ ପଢ଼ି ନଥିଲେ। ଜଣେ ମୃଣ୍ମୟ ପ୍ରତିମା ଶିଳ୍ପୀଙ୍କ ସଂସ୍ପର୍ଶରେ ଆସି ପ୍ରଥମେ ମାଟି ମୂର୍ତ୍ତି ତିଆରି କରୁଥିଲେ। ବାଲ୍ୟ କାଳରେ ସେ ପିତାଙ୍କୁ ହରାଇଥିଲେ। ମାତା ଶାରଦାଦେବୀ, ବିମ୍ବାଧରଙ୍କ ପ୍ରତିମା ଗଢ଼ା କାର୍ଯ୍ୟକୁ ଆଦୌ ପସନ୍ଦ କରୁନଥିଲେ। ତାଙ୍କର ଧାରଣା ଥିଲା ଯେ, ଯେଉଁମାନେ ରୂପ ନିର୍ମାଣ କରନ୍ତି, ସେମାନେ ଆଜୀବନ ନିଃସନ୍ତାନ ରହନ୍ତି। ବିମ୍ବାଧରଙ୍କ କ୍ଷେତ୍ରରେ ସେହି ପରି ଘଟିଥିଲା। ସେ ବିବାହ ହିଁ କରି ନଥିଲେ। ବାଳ ଗଙ୍ଗାଧର ତିଳକ, ଗାନ୍ଧୀ, ଗୋପବନ୍ଧୁ ଆଦିଙ୍କ ପ୍ରତିମା ଗଢ଼ି ସେ ଉଚ୍ଚ ପ୍ରଶଂସିତ ହୋଇଥିଲେ। ଉତ୍ତର-ଯୌବନରେ ଚିତ୍ରକଳା ପ୍ରତି ଆକୃଷ୍ଟ ହୋଇ, ଏହାକୁ ଅଧିକ ସମୟ ଦେଇଥିଲେ। ଅବନୀନ୍ଦ୍ରନାଥଙ୍କ ଚିତ୍ରକଳା ପଦ୍ଧତି ଦ୍ୱାରା ସେ ଅନୁପ୍ରାଣିତ ହୋଇଥିଲେ ହେଁ ସ୍ୱୟଂ ପ୍ରକୃତି ଦେବୀଙ୍କୁ ଶିକ୍ଷାଦାତ୍ରୀ ଭାବେ ଗ୍ରହଣ କରିଥିଲେ। ପିତାମାତା ଭ୍ରାତାଙ୍କୁ ହରାଇ ତଥା ଅବିବାହିତ ରହି ବିମ୍ବାଧର ଏକରକମ ନିଃସଙ୍ଗ ଜୀବନଯାପନ କରୁଥିଲେ। କଳା ହିଁ ଥିଲା ଏକମାତ୍ର ପ୍ରେମ। ଶିକ୍ଷାଗତ ଯୋଗ୍ୟତା ଅଭାବରୁ ସରକାରୀ ଚାକିରୀରୁ ବଞ୍ଚିତ ହୋଇଥିଲେ। ଉପାର୍ଜନ ସୀମିତ ଥିଲା। କଳାକୁ ନେଇ ବ୍ୟବସାୟ ଚାହୁଁ ନଥିଲେ। ତେଣୁ ଆର୍ଥିକ ଅବସ୍ଥା ଶୋଚନୀୟ ଥିଲା। ରୋଗ ଦାରିଦ୍ର୍ୟ ସତ୍ତ୍ୱେ ସାଧନା ଜାରିରଖିଥିଲେ। ସେ ଲେଖାଲେଖି ମଧ କରୁଥିଲେ। ପତିପତ୍ନୀ ତାଙ୍କର ଏକ ଲୋକପ୍ରିୟ ଉପନ୍ୟାସ। ରବୀନ୍ଦ୍ର ମୋହନ ସେନାପତିଙ୍କ ଶତାବ୍ଦୀର ଶ୍ରେଷ୍ଠ ଓଡ଼ିଆ ବ୍ୟକ୍ତିତ୍ୱ ପୁସ୍ତକ ଅନୁଯାୟୀ ୧୯୦୧ ଅଗଷ୍ଟ ୨୧ ତାରିଖରେ କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁରରେ ତାଙ୍କର ଜନ୍ମ ହୋଇଥିଲା। କଟକ ଜିଲ୍ଲାର କୁସୁପୁର ଗ୍ରାମ ବାସ୍ତବିକ ଏକ ପ୍ରସିଦ୍ଧ ଗ୍ରାମ। ପଲ୍ଲୀକବି ନନ୍ଦକିଶୋର ବଳଙ୍କର ଜନ୍ମ ମଧ ଏହି ଗ୍ରାମରେ ହୋଇଥିଲା। ଶିଳ୍ପୀଗୁରୁ ବିମ୍ବାଧର ବର୍ମାଙ୍କର ସ୍ମୃତି ରକ୍ଷା ପାଇଁ ସରକାରୀ ବା ପ୍ରଶାସନିକ କ୍ଷେତ୍ରରେ ସେପରି କିଛି ଉଦ୍ୟମ ହୋଇନାହିଁ। ନିଜର ଜୀବନ କାଳ ଭିତରେ ସାମାନ୍ୟତମ ପ୍ରଚାର ବା ପ୍ରସାରକୁ ଦୂରେଇ ରହୁଥିବା ଏହି କିମ୍ବଦନ୍ତୀ ଶିଳ୍ପୀଗୁରୁଙ୍କ ସାଧନାର ପଟ୍ଟାନ୍ତର ନାହିଁ। ଦ୍ରୋଣଙ୍କ ପରି ତାଙ୍କ ଠାରୁ ପ୍ରତ୍ୟକ୍ଷ ଶିକ୍ଷାଲାଭ କରିନଥିଲେ ମଧ ପରୋକ୍ଷ ଭାବରେ ତାଙ୍କୁ ଗୁରୁ ଭାବରେ ମାନି ଅନେକ ଶିଳ୍ପୀ ଆଜି କେବଳ ରାଜ୍ୟ ବା ରାଜ୍ୟ ବାହାରେ ନୁହେଁ ବିଶ୍ୱସ୍ତରରେ ସୁଖ୍ୟାତି ପାଇଛନ୍ତି।

**ଡଃ. ଅରୁନ୍ଧତୀ ଦେବୀ**
**ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର,**
**ଦୂରଭାଷ: ୯୯୩୭୧୭୨୮୧୦**

**DISPLAY CLASSIFIED**

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
A complete Chemistry point for funding fundamentals.
Contact for Coaching in +2 Science, CBSE, OJEE (E&M), AIPMT & AIEEE

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

# ବୃକ୍ଷରୋପଣ, ପାଷ୍ଟିକ ବର୍ଜନ ଓ ଜଳ ସଂରକ୍ଷଣ ପାଇଁ ସମାଜରେ ଜନଜାଗରଣ କରିବ ସଂଘ




ଭୁବନେଶ୍ୱର (ପିଏନ୍): ପୁଷ୍କରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ତ୍ରିଦିବସୀୟ ସମନ୍ୱୟ ବୈଠକ ସେପ୍ଟେମ୍ବର ୯ ତାରିଖ ସଂଧ୍ୟାରେ ଶେଷ ହୋଇଛି। ଏହି ବୈଠକରେ ୩୬ଟି ସଂଗଠନରୁ ୧୯୫ଜଣ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବିଭିନ୍ନ ସଂଗଠନଗୁଡିକ ନିଜ ନିଜର କାର୍ଯ୍ୟକ୍ରମ ବିଷୟରେ ତଥା ଅନୁଭବ ବିଷୟରେ ପ୍ରକାଶ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମର ସଫଳତା, ସୂଚନା ଓ କାର୍ଯ୍ୟକ୍ରମର ପରିଚାଳନା ସମସ୍ତ ବିଷୟର ଆଦାନ ପ୍ରଦାନ ମଧ ହୋଇଥିଲା। ଜଣେ ଅନ୍ୟ ଜଣଙ୍କର ପ୍ରୟୋଗ ଓ ଉପଲବ୍ଧିରୁ ମଧ ପ୍ରେରଣା ପାଇଥିଲେ। ଗତ ବର୍ଷ ମନ୍ତ୍ରାଳୟ ବୈଠକ ପରେ ସମସ୍ତ ସଂଗଠନ ଗୁଡିକ ଗଛ ଲଗାଇବା, ଜଳ ସଂରକ୍ଷଣ କରିବା ଏବଂ ପ୍ଲାଷ୍ଟିକ ବର୍ଜନ ଆଦି କାମ ପ୍ରାରମ୍ଭ କରିଥିଲେ। ତଥା ସମାଜଜୀବନରେ ସୃଷ୍ଟି ହେଉଥିବା ସାଂସ୍କୃତିକ ଅଧୋପତନକୁ ବନ୍ଦ କରିବା ପାଇଁ ମଧ ପ୍ରୟାସ ଆରମ୍ଭ କରାଯାଇଛି। ତେଣୁ ଏହି ବୈଠକରେ ସମସ୍ତ ସଂଗଠନଗୁଡିକ ନିଜ କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହସରକାର୍ଯ୍ୟବାହ ଶ୍ରୀ ଦତ୍ତାତ୍ରେୟ ହୋସ୍‌ବାଲେ ଏହି ବୈଠକ ଶେଷରେ ଏକ ସାମ୍ବାଦିକ ସମ୍ମିଳନୀରେ ସମସ୍ତ ବିଷୟରେ ଅବଗତ କରାଇଥିଲେ। ସେ କହିଲେ ଯେ, ଆଗାମୀ ଦିନରେ ମଧ୍ୟବର୍ତ୍ତୀ କ୍ଷେତ୍ରର ଜନଜାତୀୟ ଅଂଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ବିକାଶ ଆଦି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ସରକାରଙ୍କ ଦ୍ୱାରା ସୀମାବର୍ତ୍ତୀ ଅଂଚଳରେ ଶିକ୍ଷା, ବିକାଶ ଓ ନିଯୁକ୍ତି ଆଦି ଯେଉଁ କାର୍ଯ୍ୟଗୁଡିକ ହେଉଛି ସେଥିପ୍ରତି ସମାଜର ମଧ କର୍ତ୍ତବ୍ୟ ରହିଛି। ଏହି ଭାବକୁ ନେଇ ସମସ୍ତ ସଂଗଠନ ଗୁଡିକ ସମାଜରେ ଜାଗରଣ ଓ ପ୍ରବୋଧନ କାର୍ଯ୍ୟକ୍ରମ କରିବେ। ସୀମାନ୍ତ ଅଂଚଳରେ ରାଷ୍ଟ୍ରଭାବ ଜାଗରଣ ସହିତ ସମାଜକୁ ସୁଖି ଓ ସ୍ୱାବଲମ୍ବନ କରିବା ପାଇଁ ପ୍ରୟାସ କରାଯିବ। ରାଷ୍ଟ୍ରୀୟ ନାଗରୀକ ପଂଜିକା (ଏନଆରସି)କୁ ସେ ସ୍ୱାଗତ କରିବା ସହିତ ସେଥିରେ ଥିବା ତୃଟିକୁ ଦୂର କରିବା ପାଇଁ ଆହ୍ୱାନ କରିଥିଲେ। ସଂରକ୍ଷଣ ପ୍ରଶ୍ନର ଉତ୍ତର ଦେଇ ସେ କହିଲେ ଯେ, ସଂଘ ସଂରକ୍ଷଣର ସାମ୍ବିଧାନିକ ବ୍ୟବସ୍ଥାକୁ ସମର୍ଥନ କରେ। ଯେପର୍ଯ୍ୟନ୍ତ ସମାଜରେ ଭେଦଭାବ ରହିଛି ସେପର୍ଯ୍ୟନ୍ତ ଏହି ବ୍ୟବସ୍ଥା ରହିବା ଉଚିତ। ମବ୍‌ଲିଂଚିଂଗ ପ୍ରଶ୍ନର ଉତ୍ତରରେ ସେ କହିଲେ ଯେ, ଆମେ ସମସ୍ତ ପ୍ରକାର ହିଂସାକୁ ବିରୋଧ କରୁ ଏବଂ ସମସ୍ତେ ଆଇନକୁ ପାଳନ କରିବା ଉଚିତ। ସେ କହିଲେ ଯେ, କେନ୍ଦ୍ର ସରକାର ଜମ୍ମୁ-କାଶ୍ମୀରରେ ଧାରା ୩୭୦କୁ ହଟାଇଦେଲେ। ଏହା ସାରା ଦେଶବାସୀଙ୍କ ପାଇଁ ଖୁସିର ବିଷୟ। ଏବେ ଏହି କ୍ଷେତ୍ରରେ ବିକାଶର ଆବଶ୍ୟକ। ସଂଘ ସହିତ ସମସ୍ତ ସଂଗଠନ ଅନେକ ବର୍ଷ ହେବ ଏକ ରାଷ୍ଟ୍ର, ଏକ ସମ୍ବିଧାନ, ଏକ ନିଶାନର ଦାବି କରି ଆସୁଥିଲେ। କାଶ୍ମୀର ଓ ଲଦାଖରେ ସଂଘ ଦ୍ୱାରା କରାଯାଉଥିବା ସେବାକାର୍ଯ୍ୟ ମାଧ୍ୟମରେ ରାଷ୍ଟ୍ରଭାବ ମଜଭୁତ ହୋଇଛି। କାଶ୍ମୀରରେ କିଛି ରାଜନେତାଙ୍କୁ ଗିରଫ କରାଯାଇଛି। ସରକାର ତଥ୍ୟା, ପ୍ରମାଣ ଆଧାରରେ ରାଷ୍ଟ୍ରହିତ ପାଇଁ ଏହି ଫଇସଲା ନେଇଛନ୍ତି। ପୂର୍ବତନ ସରକାର ନିଜର ଚୌକିକୁ ସୁରକ୍ଷିତ ରଖିବା ପାଇଁ ଯାହା ଇଚ୍ଛା ତାହା କରିଯାଉଥିଲେ। ସ୍ୱଦେଶୀ ବ୍ୟବହାର କରିବା ପାଇଁ ସ୍ୱଦେଶୀ ଜାଗରଣ ମଂଚ ଦ୍ୱାରା ହେଉଥିବା ଆନ୍ଦୋଳନ ପରିଣାମ ସ୍ୱରୂପ ଚୀନ ଦ୍ରବ୍ୟ ବିକ୍ରି କମ୍ ହୋଇଛି। ସ୍ୱଦେଶୀର ଏହି ଭାବନା କେବଳ ଅଭିଯାନରେ ସୀମିତ ରହିବା ଉଚିତ ନୁହେଁ।

## ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଶୀଳାଗୁଡ଼ିକର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବୀ

ଭୁବନେଶ୍ୱର (ପିଏନ୍): ଦେଶମାତୃକାର ସେବାରେ ନିଜକୁ ଉତ୍ସର୍ଗ କରିଥିବା ରାଜ୍ୟର ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିକୁ ଉଜ୍ଜିବିତ କରି ରଖିବା ଏବଂ ଆଗାମୀ ପିଢ଼ୀ ନିକଟରେ ସେମାନଙ୍କ ବୀରତ୍ୱର କାହାଣୀକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ୧୯୭୪ ମସିହାରେ ଓଡ଼ିଶାର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ବରେଣ୍ୟା ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ଶାସନକାଳରେ ରାଜ୍ୟର ସମସ୍ତ ବ୍ଲକ କାର୍ଯ୍ୟାଳୟ ପରିଷରରେ ସେହି ଅଞ୍ଚଳର ସ୍ଥାନୀୟ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ନାମ ଉଲ୍ଲେଖ ଥାଇ ଯେଉଁ ସଂଗ୍ରାମୀ ସ୍ମୃତିଶୀଳାଗୁଡ଼ିକ ସ୍ଥାପନ କରାଯାଇଥିଲା ବର୍ତ୍ତମାନ ଅନେକ ବ୍ଲକରେ ସେଗୁଡ଼ିକ ଏବେ ଲୁକ୍‌କାୟିତ, ଜୀର୍ଣ୍ଣଶୀର୍ଣ୍ଣ ଓ ଭଗ୍ନ ଅବସ୍ଥାରେ ପଡ଼ି ରହିଛି ବୋଲି ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର କାର୍ଯ୍ୟକାରୀ ସଭାପତି ତଥା ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି। ଏହି ଗରୀମାମୟ ଐତିହ୍ୟକୁ ସୁରକ୍ଷା କରାଯିବା ଏକାନ୍ତ ଜରୁରୀ। ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ଅକ୍ଟୋବର ୨ ତାରିଖ ଦିନ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ମହାସମାରୋହରେ ପାଳନ କରିବାକୁ ଯାଉଛନ୍ତି। ଏଭଳିସ୍ଥଳେ ସ୍ୱାଧୀନତା ସଂଗ୍ରାମୀ ଦେଶପାଇଁ ଲଢ଼ିଥିବା ବରପୁତ୍ରମାନଙ୍କୁ ଅବହେଳା କରିବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ତେଣୁ ରାଜ୍ୟର ସମସ୍ତ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗପୂତ ଅମ୍ଳାନ ଗୁଣାବଳୀକୁ ଚିରସ୍ମରଣୀୟ କରି ରଖିବା ସହିତ ଯେଉଁ ବ୍ଲକଗୁଡ଼ିକରେ ଲୁକ୍କାୟିତ ହୋଇଯାଇଥିବା କିମ୍ବା ଓ ଜୀର୍ଣ୍ଣଶୀର୍ଣ୍ଣ ଓ ଭଗ୍ନ ଅବସ୍ଥାରେ ପଡ଼ିରହିଥିବା ସ୍ମୃତିଶୀଳାଗୁଡ଼ିକର ଆଶୁ ପୁନରୁଦ୍ଧାର ଓ ଆବଶ୍ୟକ ସ୍ଥଳେ ନୂତନ ସ୍ମୃତିଶୀଳା ନିର୍ମାଣ କରାଯାଇ ଏଥିରେ ଇତି ମଧ୍ୟରେ ଆଉ ଯୋଡ଼ି ହେବାକୁ ଥିବା ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ନାମ ଉଲ୍ଲେଖ କରାଯାଇ ଆସନ୍ତା ଅକ୍ଟୋବର ୨ ତାରିଖଠାରୁ ପ୍ରତିବର୍ଷ ଜାତୀୟ ଉତ୍ସବଗୁଡ଼ିକରେ ପ୍ରତି ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଶୀଳା ନିକଟରେ ପୂଜ୍ୟପୂଜା କରାଗଲେ ବାପୁଜୀଙ୍କ ୧୫୦ତମ ଜୟନ୍ତୀ ପାଳନ କରାଯିବାର ଯଥେଷ୍ଟ ଗୁରୁତ୍ୱ ବହନ କରିବ ଏବଂ ଏହା ହେବ ସେହି ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ବୋଲି ଶ୍ରୀ ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇବା ସହିତ ଉପରୋକ୍ତ ପ୍ରସ୍ତାବଗୁଡ଼ିକର ଆଶୁ ସୁବିଚାର ପାଇଁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିକଟକୁ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି, କାକଟପୁରଙ୍କ ତରଫରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ଲର୍ଡ ଜଗନ୍ନାଥ ସୋସାଇଟି ଅଫ୍ ଦିଲ୍ଲୀ ତରଫରୁ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ ପ୍ରଦାନ



ଜଳେଶ୍ୱର (ପିଏନ୍): ଲର୍ଡ ଜଗନ୍ନାଥ ସୋସାଇଟି ଅଫ୍ ଦିଲ୍ଲୀ ଚଳିତ ବର୍ଷ ଦିଲ୍ଲୀସ୍ଥିତ ବିଭିନ୍ନ ବିଦ୍ୟାଳୟର ଗରିବ ଛାତ୍ରଛାତ୍ରୀ ମାନଙ୍କୁ ଅର୍ଥିକ ସାହାଯ୍ୟ ପ୍ରଦାନ କରିଥିବା ବେଳେ ଜଳେଶ୍ୱର ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୦ଜଣ ଛାତ୍ରଙ୍କୁ ୩ ମାସର ବେତନ ବାବଦ ଅର୍ଥ ପ୍ରଦାନ କରିଛି। ଏହି ଉପଲକ୍ଷେ ସୋସାଇଟିର ସଂପାଦକ ରାଧାଶ୍ୟାମ ସାହୁଙ୍କ ପ୍ରଚେଷ୍ଟାରେ ୧୦ତାରିଖ ମଙ୍ଗଳବାର ଏକ ଉତ୍ସବରେ ୧୦ଜଣ ଛାତ୍ରଛାତ୍ରୀଙ୍କୁ ତାଙ୍କର ଅର୍ଥ ପ୍ରଦାନ କରାଯାଇଥିଲା। ଲର୍ଡ ଜଗନ୍ନାଥ ସୋସାଇଟି ଅଫ୍ ଦିଲ୍ଲୀ ତରଫରୁ ଭିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରୁଥିବା ବେଳେ ଓଡିଶାର ସଂସ୍କୃତି ଓ ପରମ୍ପରା ଅନୁଯାୟୀ ବିଭିନ୍ନ ପୂଜା ପାର୍ବଣ ମଧ୍ୟ ଦିଲ୍ଲୀ ସ୍ଥିତ ପୁଷ୍ପବିହାର, ସେକଟର-୪ରେ ବର୍ଷ ସାରା ପାଳନ କରିଆସୁଅଛି। ଏହା ଛଡା ଅନ୍ଧ, ଶାରୀରିକ ବିକଳାଙ୍ଗ ଓ ଗରୀବ ଛାତ୍ରଛାତ୍ରୀ ମାନଙ୍କ ପାଠ ପଢା ପାଇଁ ଅନୁଦାନ ରାଶି ପ୍ରଦାନ କରିଥାଏ। ରାସ୍ତା କଡର ଗରୀବ ଲୋକମାନଙ୍କୁ ଖାଦ୍ୟ ଓ କମ୍ବଳ ପ୍ରଦାନ କରିଥାଏ। ଏହି ଉତ୍ସବରେ ଶିଶୁ ବିଦ୍ୟାମନ୍ଦିରର ସଂପାଦକ କପିଳେଶ୍ୱର ମହାନ୍ତି, ଲର୍ଡ ଜଗନ୍ନାଥ ସୋସାଇଟି ତରଫରୁ ସୁଶାନ୍ତ କୁମାର ପ୍ରଧାନ ଓ ବିଦ୍ୟାଳୟର ପ୍ରଧାନ ଗୁରୁଜୀ ବିମ୍ବାଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




## ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବଙ୍କ ସହ ବ୍ରିଟିଶ ଡେପୁଟି ହାଇକମିଶନଙ୍କ ସୌଜନ୍ୟ ସାକ୍ଷାତ

ଭୁବନେଶ୍ୱର,(ପିଏନ)-ଭାରତରେ ଅବସ୍ଥାପିତ ବ୍ରିଟିଶ ଡେପୁଟି ହାଇକମିଶନର ଶ୍ରୀ ବ୍ରୁସ୍ ବକ୍‌ନେଲ୍ ଆଜି ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀଙ୍କୁ ସୌଜ୍ୟମୂଳକ ସାକ୍ଷାତ କରିଛନ୍ତି। ଭୁବନେଶ୍ୱରସ୍ଥିତ ଡ. ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ କାର୍ଯ୍ୟ କରୁଥିବା ବ୍ରିଟିଶ ସୂଚନା କେନ୍ଦ୍ରର କାର୍ଯ୍ୟାବଳୀ ତଥା ଉନ୍ନତିକରଣ ସମ୍ପର୍କରେ ଶ୍ରୀ ବକ୍‌ନେଲ ଆଲୋଚନା କରିଥିଲେ। ଏହି ସୂଚନା କେନ୍ଦ୍ର ବ୍ରିଟେନ୍‌ରେ ଉଚ୍ଚଶିକ୍ଷା, ବୃତିଗତ ତାଲିମ ଓ ସାଂସ୍କୃତିକ ବିନିମୟ ଉପରେ କାର୍ଯ୍ୟ କରୁଛି ଏବଂ ଏହାକୁ ଅଧିକ କ୍ରିୟାଶୀଳ କରାଯିବା ନେଇ ଆଲୋଚନାରେ ଗୁରୁତ୍ୱ ପ୍ରକାଶ ପାଇଥିଲା। ଡେପୁଟି ହାଇକମିଶନର ତାଙ୍କ ସୌଜନ୍ୟ ସାକ୍ଷାତ କାଳରେ ଓଡ଼ିଶାର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମେତ ବିପୁଳ ସାଂସ୍କୃତିକ ସମ୍ପଦର ଉଚ୍ଚ ପ୍ରଶଂସା କରିଥିଲେ।

ପ୍ରମୁଖ ଶାସନ ସଚିବ ଶ୍ରୀ ପାଣିଗ୍ରାହୀ ଶ୍ରୀ ବକ୍‌ନେଲ୍‌ଙ୍କୁ ଓଡ଼ିଶା ଏବଂ ରଥଯାତ୍ରା ସମ୍ପର୍କିତ କେତେକ ତଥ୍ୟ ସମ୍ୱଳିତ ପୁସତକ ଉପହାର ଦେଇଥିଲେ। ଏହି ସାକ୍ଷାତ ସମୟରେ ଓଡ଼ିଶା ନୌବାଣିଜ୍ୟ ଓ ଦକ୍ଷିଣ-ପୂର୍ବ ଏସୀୟ ଗବେଷଣା ପ୍ରତିଷ୍ଠାନର ସଚିବ ଡ. ସୁନୀଲ ପଟ୍ଟନାୟକ ଓ ସୂଚନା ତଥା ଲୋକବ୍ୟାପାର ଅଧିକାରୀ ସ୍ୱର୍ଣ୍ଣମୟୀ ଶତପଥୀ ଉପସ୍ଥିତ ଥିଲେ।

## ଗୁଣି ସନ୍ଦେହରେ ମହିଳାଙ୍କ ସମେତ ପରିବାରକୁ ଏକ ମାସହେଲା ବାସନ୍ଦ

କନ୍ଧମାଳ,(ପିଏନ)-ଉନ୍ନତ କୌଶଳ ଏବଂ ଆଧୁନିକ ଯୁଗରେ କେବଳ ସହାରାଂଚଳର ଲୋକେ ନୁହେଁ ଗ୍ରାମାଂଚଳରେ ମଧ୍ୟ ଲୋକେ ଉନ୍ନତ ବୈଜ୍ଞାନିକ ଉପକରଣ ଗୁଡିକର ବ୍ୟବହାର କରୁଥିବା ତଥା ବିଜ୍ଞାନ ବାବଦରେ ଓ ଅନ୍ଧ ବିଶ୍ୱାସର ପରିଣାମ ବିଷୟରେ ଟିଭି ଓ ମୋବାଇଲ ଯୋଗେ ବିଭିନ୍ନ ଖବର ପାଉଥିବା ସତ୍ୱେ କନ୍ଧମାଳ ଜିଲାର ଗ୍ରାମାଂଚଳର ଲୋକମାନଙ୍କର ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସ ଉପରୁ ଆସ୍ଥା ତୁଟୁନି । ଏହାର ବସବର୍ତୀ ହୋଇଲୋକେ ମନୁଷ୍ୟକୁ ମଧ୍ୟ ପଶୁଠାରୁ ଅଧିକ ନ୍ୟୁନ ମଣିବାକୁ ପଛଘୁଂଚା ଦେଉନାହାନ୍ତି ଏପରିକି ସେମାନଙ୍କୁ ନାନା ରକମର ଜନ୍ତ୍ରଣା ମଧ୍ୟ ଦେଉଥିବା ଖବର ମିଳୁଛି ଅନେକ ସମୟରେ। ସେହିଭଳି ଏକ ଘଟଣା ଘଟିଛି କନ୍ଧମାଳ ଜିଲାର କ.ନୁଆ ଗାଁ ଅଂଚଳରେ। ଗୁଣିଗାରେଡି ସନ୍ଦେହରେ ଗ୍ରାମବାସୀ ଜଣେ ଆଦିବାସୀ ମହିଳାଙ୍କୁ ମାରପିଟ କରିବାସହ ତାକୁ ଗାଁରୁ ବାସନ୍ଦ କରିଦେଇଥିବା ଖବର ମିଳିଛି। ଫଳରେ ମହିଳା ଜଣକ ବାଧହୋଇ ଗାଁ ଛାଡି କ.ନୂଆଗାଁ ବ୍ଲକରେ ଜଣେ ସଂପର୍କୀୟଙ୍କ ଘରେ ଏକ ମାସହେଲା ଆଶ୍ରୟ ନେଇଛନ୍ତି। ଏହି ଅଭାବନୀୟ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକର ସୁଡ୍ରା ପଂଚାୟତର ଜାର୍ଗି ଗ୍ରାମରେ। ଏନେଇ ପୀଡିତା ମହିଳା ଭୟରେ ଥାନାରେ ମଧ କୌଣସି ଅଭିଯୋଗ ନକରି ଭାଗ୍ୟକୁ ଆଦରି ପଡିରହିଛନ୍ତି।

ଜାର୍ଗି ଗାଁରେ ଖଟ ବୁଲୁଛି। ପୂଜାର୍ଚ୍ଚନା କରିବା ପରେ କୁକୁଡା ବଳି ଦିଆଯାଇଥିଲା। ତା'ପରେ ଖଟଧରି ଗ୍ରାମର କିଛି ଲୋକ ବୁଲିଲେ ଖଟଟି ଯାହାଘରେ ଅଟକିଯିବ ସେ ହିଁ ଦୋଷୀ ବୋଲି ପ୍ରମାଣିତ ହେବ। ସୁଚନା ଅନୁସାରେ ଗାଁରେ ଗୋପ ମଲିକ ନାମକ ଜଣେ ଯୁବକର କୌଣସି କାରଣରୁ ମୃତ୍ୟୁ ଘଟିଥିଲା। ହେଲେ ତାକୁ ଗୁଣିକରି କିଏ ମାରିଦେଇଛି ବୋଲି ଗୋପଙ୍କ ପରିବାର ଲୋକେ ଅଭିଯୋଗ କରି ଅନ୍ୟ ଗ୍ରାମରୁ ଖଟ ବିଦ୍ୟା ଲୋକଙ୍କୁ ଗୁଣିଆକୁ ଧରିବା ଲାଗି ଆଣିଥିଲେ। ଗାଁରେ ଖଟ ବୁଲିଥିଲା। ବୁଲିବାପରେ ଶେଷରେ ନିଦୃ ମଲିକ ନାମକ ଜଣେ ମହିଳାଙ୍କ ଘରେ ଖଟ ଅଟକିଯିବା ଫଳରେ ନିଦୃ ହିଁ ଗୁଣିକରି ଗୋପକୁ ମାରି ଦେଇଥିବା ଗ୍ରାମବାସୀ ମିଳିତ ହୋଇ ଅଭିଯୋଗ କରିବା ସହ ଗାଳିଗୁଲଜ ମାରଧର ବି କଲେ। ଶେଷରେ ଗାଁରୁ ବାସନ୍ଦ କରିଦେଇଥିଲେ। ଫଳରେ ନିଦୃ ନିଜ ପିଲାଛୁଆଙ୍କୁ ଧରି ନିଜ ସଂପର୍କୀୟ ନଣନ୍ଦ ଅନିମା ମଲିକଙ୍କ ଘରେ କ.ନୂଆଗାଁ ରାଜଘରା ଗାଁରେ ରହୁଛନ୍ତି। ଭୟରେ ଥାନାରେ ଏତଲା ଦେବାକୁ ବି ଡରୁଛନ୍ତି ନିଦୃ ମଲିକ ଓ ତାଙ୍କ ପୁଅ। ଆଜିର ବିଜ୍ଞାନ ଯୁଗରେ ବି ଲୋକେ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ କିଭଳି ଜାବୁଡି ଧରିଛନ୍ତି ତାହା ଏଥିରୁ ସ୍ପଷ୍ଟ ଜଣାପଡୁଛି। ପ୍ରଶାସନର ସଚେତନତା ସତ୍ୱେ ଏଭଳି ଘଟଣା ବୃଦ୍ଧି ପାଉଥିବା ଉଦବେଗର କାରଣ ନିଶ୍ଚୟ।

## ଏନଫୋର୍ସମେଂଟ୍ ସ୍କ୍ୱାର୍ଡର ଚଢାଉ
## ଦ୍ୱିତୀୟ ଦିନରେ ୬୨ ହଜାର ଜୋରିମାନା ୨ ଶିଶୁ ଶ୍ରମିକ ଉଦ୍ଧାର

କେନ୍ଦ୍ରାପଡ଼ା, (ପିଏନ)- ଜିଲ୍ଲା ଏନ୍‌ଫୋର୍ସମେଂଟ୍ ସ୍କ୍ୱାର୍ଡ ହୋଟେଲ୍‌ଗୁଡିକ ଉପରେ ଦ୍ୱିତୀୟ ଦିନ ଚଢାଉ ଅବ୍ୟାହତ ରଖିଛି। ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ଏକ ୧୦ ଜଣିଆ ଟିମ୍ ଶ୍ରୀକ୍ରିଷ୍ଣା ହୋଟେଲ୍, ଗୋଲଡେନ୍ ପ୍ୟାଲେସ୍, ମୟୁରୀ ହୋଟେଲ୍, ବଳଦେବଜୀଉ ହୋଟେଲ୍, ନିୟୁ କଳିକା ହୋଟେଲ୍, ତାରିଣୀ ହୋଟେଲ୍, ହିଲ୍‌ଟପ୍ ହୋଟେଲ୍, ପୂଜା ହୋଟେଲ୍, ବାସୁଦେବ ହୋଟେଲ୍ ଓ ସୁଦର୍ଶନ ଜୋଏଲାରୀ ଏବଂ ଇଟିରେଂଟ୍ ଭେଣ୍ଡର ଉପରେ ଚଢାଉ କରି ବିଭିନ୍ନ ବେଆଇନ୍ କାରବାର ଉପରେ କଟକଣା ଜାରି କରିଥିଲେ। ଆଜିର ଏହି ଚଢାଉରେ ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ମହାପାତ୍ରଙ୍କ ନେତୃତ୍ୱରେ ଜିଲ୍ଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାସ, ମାପ ଓଜନ ବିଭାଗର ବରିଷ୍ଠ ନିରୀକ୍ଷକ, ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରମ ନିରୀକ୍ଷକଙ୍କ ସମେତ କେନ୍ଦ୍ରାପଡା, ମାର୍ଶାଘାଇ, ଡେରାବିଶ ଓ ଗରଦପୁର ବ୍ଲକର ମାର୍କେଟିଂ ଇନିସ୍ପେକ୍ଟର ମାନଙ୍କୁ ନେଇ ଏକ ୧୦ ଜଣିଆ ଟିମ୍ ଏହି ଚଢାଉ ଅଭିଯାନରେ ସାମିଲ୍ ଥିଲେ। ଆଜିର ଚଢାଉରେ ହୋଟେଲ୍ ମାନଙ୍କରେ ବେଆଇନ୍ ଭାବେ ଗଛିତ ଥିବା ୯ଟି ରନ୍ଧନ ଗ୍ୟାସ୍ ସିଲିଣ୍ଡର ଓ ୩୦ କିଲୋଗ୍ରାମର ରନ୍ଧନ ଗ୍ୟାସ୍ ଜବତ କରି ବୈଧ ମାପରେ ଠକେଇ ଅଭିଯୋଗରେ ୬୨ ହଜାର ଜୋରିମାନା ଆଦାୟ କରାଯାଇଛି। ସେହିପରି ୨ ଶିଶୁ ଶ୍ରମିକଙ୍କୁ ହୋଟେଲ୍‌ରୁ ଉଦ୍ଧାର କରାଯାଇଛି। ହୋଟେଲ୍ ମାଲିକମାନେ ଶିଶୁ ଶ୍ରମିକମାନଙ୍କୁ କାର୍ଯ୍ୟରେ ଲଗାଇଥିବାରୁ ସେମାନଙ୍କୁ ଚେତାବନୀ ଦିଆଯାଇ ଏଭଳି ବେଆଇନ୍ କାର୍ଯ୍ୟରୁ ନିବୃତ ରହିବାକୁ ସତର୍କ କରାଯାଇଛି। ଏହାସହ କିଛି ହୋଟେଲ୍‌ରେ ଷ୍ଟଲ୍ ଫୁଡ୍ ତିଆରି ଚାଲିଥିବାବେଳେ ସେଗୁଡିକୁ ଜବତ କରି ନଷ୍ଟ କରାଯାଇଛି।

## ପିଏଲଏଫଆଇ, ମାଓବାଦୀ ମିଥ୍ୟା ଖବରକୁ ନେଇ ଚର୍ଚ୍ଚାରେ ରାଉରକେଲା ପୁଲିସ

ରାଉରକେଲା,(ପିଏନ)-ରାଉରକେଲା ପୁଲିସ ଜଣେ ପିଏଲଏଫଆଇ କୁ ରାଉରକେଲା ପୁରୁଣା ଟାକ୍ସି ଷ୍ଟାଣ୍ଡ ପାଖରୁ ଧରିବା ନେଇ ବିଭିନ୍ନ ଟିଭିରେ ଖବର ଆସିବା ଓ ଏହାକୁ ନେଇ ପୁଲିସ କୁ ଅନ୍ୟ ମିଡିଆ ପଚାରିବା ପରେ କୌଣସି ଉତର ପୁଲିସ ପାଖରୁ ନମିଳିବା ପରେ ଆଜି ପୁଣି ସେହି ଖବରକୁ ନେଇ ପୁଲିସର ପ୍ରତିକ୍ରିଆ ଭଳି ଘଟଣା ,ମାଓବାଦୀ ଖବର କୁ ନେଇ ଆସିଥିବା ବାବୁ ମାନେ ହାତ ଖାଲି କରି ଫେରିଜିବା ଘଟଣା ରାଉରକେଲା ପୁଲିସକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଯୋର ଧରିଛି ।ବାସ୍ତବରେ କଣ ଚାଲିଛି ପୁଲିସ ବିଭାଗରେ ?ଚଳିତ ମାସ ୧୦ତାରୀଖ ଘଟଣା ,ସେଦିନ ପୁଲିସ ଜଣେ ପି ଏଲ ଏଫ ଆଇ କୁ ପୁଲିସ ଧରିଲା ସେ ବିଶ୍ରା ଅଂଚଳରେ ସକ୍ରୀୟଥିଲା ବୋଲି ଖବର ଆସିଲା ।ଏହାକୁ ନେଇ କେତେକ ଗଣମାଧମ ଏସପିଙ୍କୁ ଯୋଗାଯୋଗ କରିବାରୁ ସେମିତି କିଛି ହୋଇନି ବୋଲି କୁହାଯାଇଥିବା ବେଳେ ପୁଲିସ ଗୃପରେ ପ୍ରଶ୍ନ ହୋଇଥିଲେ ବି ତାର କୌଣସି ଉତର ଆସିନଥିଲା ।ହଠାତ ଆଜି ଏକ ମିଡିଆରେ ଏସପି ଙ୍କ ପ୍ରତିକ୍ରିଆ ଆସିଲା । ପିଏଲଏଫଆଇ କୁ ନେଇ ଯାହା ଖବର ଆସିଥିଲା ତାହା ସଂପୁର୍ଣ ମିଥ୍ୟା ।ଏଭଳି ଖବର ଦେଇ ଲୋକଙ୍କୁ ଭୟଭିତ କରିବା ଠିକ ନୁହେଁ ରାଉରକେଲା ପୁଲିସ ଏସବୁ କାର୍ଯ୍ୟ କଳାପ ଉପରେ ନଜର ରଖି ତାର କାମ ଚଳାଇଛି ।ହେଲେ ଏବେ ପ୍ରଶ୍ନ ଉଠୁଛି ଏଖବର ଟିଭି ମିଡିଆ କୁ ଏଖବର ଦେଲା କିଏ ? କାହିଁକି ଏଭଳି ମିଛ ଖବର ପ୍ରଚାର ହେଲା ? ଏହାଦ୍ୱାରା ପୁଲିସ ବିଭାଗର ଲାଭ ହେଲା ନା ମିଡିଆର ଲାଭ ହେଲା ? ନା ଆଉ କାହାର ବ୍ୟକ୍ତିଗତ ଫାଇଦା ହେଲା। ଏନେଇ ଏକ ଅସମର୍ଥିତ ସୁତ୍ରରୁ ଜଣା ପଡିଛି ପିଏଲଏଫ ଅଇ ନାମରେ ଚାନ୍ଦା ଆଦାୟ କରୁଥିବା ଜଣେ ଯୁବକକୁ କୁଆଡେ ଧରାଯାଇଥିଲା । ତାକୁ ବିଭିନ୍ନ ଥାନାରେ ରଖାଯାଇ ପଚରା ଉଚରା କରାଯାଉଥିଲା । ହେଲେ ସେ ଯୁବକ ପିଏଲଏଫଆଇ ନୁହେଁ ବୋଲି ଜଣା ନପଡିବା ପରେ ପୁଣି ଜଣାଇଦିଆଗଲା ଯେ, ପିଏଲଏଫଆଇ ଖବର ମିଛ । ଠିକ ସେହି ଭଳି ଏବେ ଜଣା ପଡିଛି ଯେ ମାଓ କାର୍ଯ୍ୟ କଳାପ ନେଇ ସେହି ବାବୁ ମାନେ କୁଆଡେ ରାଜ୍ୟର ବଡ ବଡ ମୁଖିଆ ମାନଙ୍କୁ ନିକଟରେ ସୁଚନା ଦେଇଥିଲେ। ଫଳରେ ନିକଟରେ ଗୁଇନ୍ଦା ଡି ଆଇ ଜି ଅନିରୁଦ୍ଧ ସିଂ, ସମ୍ବଲପୁର ଡିଆଜି ହିମାଂଶୁ ଲାଲ ପ୍ରମୁଖ ରାଉରକେଲାରେ ପହଁଚି ପୁଲିସ କାର୍ଯ୍ୟାଳୟରେ ଘଂଟା ଘଂଟା ଧରି ମିଟିଂ କଲେ ।ଏନେଇ ରାଉରକେଲା ମିଡିଆ ମାମଲା ଜାଣିବା ଲାଗି ବାହାରେ ଜଗିଥିବା ବେଳେ ଏସବୁ ଖବର ନଦେବା ଲାଗି କୁହାଗଲା ।କାରଣ ଖବର ପ୍ରକାଶ ପାଇଲେ ଅପରେସନ କାଳେ ବିଫଳ ହୋଇ ଯାଇପାରେ ବୋଲି କୁହା ଗଲା ।ଏହାକୁ ମାନି ଅନେକ ଖବରକୁ ରୋକିଥିବା ବେଳେ କଜିଛି ମଡିଆ ପ୍ରଥମ ପୃଷ୍ଠାରେ ଖବର ଛାପିଲେ ।ହେଲେ ପରେ ଜଣା ପଡିଲା ଜାହା ତଥ୍ୟ ଏଠାରୁ ବଡ ମୁଖିଆ ମାନଙ୍କୁ ଯାଇଥିଲା ତାହା ଏହି ପିଏଲଏଫଆଇ ଧରାଯିବା ଭଳି ଖବର ଥିଲା ।ପରଦିନ ସାହେବ ମାନେ ପୁଣି ରାଉରକେଲା ରୁ ଫେରିଯାଇଥିଲେ । ଏଠାରେ ପ୍ରଶ୍ନ ଉଠୁଛି ରାଉରକେଲାରେ ତ ଜଣେ ଏସପି ଯୋଗ ଦାନ କରିଛନ୍ତି ହେଲେ, ହେଲେ ବିଭାଗରେ ସେମାନେ କିଏ ନିଜେ ଏସପି ହୋଇଯାଇ ଏଭଳି ମିଥ୍ୟା ଖବର ମିଡିଆକୁ ଦେବା ସହ ରାଜ୍ୟ ମୁଖିଆ ମାନଙ୍କୁ ସେହିଭଳି ମିଥ୍ୟା ଖବର ଦେଇ ହିରୋ ହେବାକୁ ଚେଷ୍ଟା ଚଳାଇଛନ୍ତି ?ସେମାନଙ୍କ ଉପରେ ରାଜ୍ୟ ପୁଲିସ ମୁଖିଆ ଓ ରାଉରକେଲା ଏସପି ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ଇଉ୍‌କଲ ଅଡିଟୋରିୟମରେ ଦିଲ୍ଲୀପଙ୍କୁ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି
## ଏକାଠି ହେଲେ ରାଜନେତା, ପ୍ରଶାସକ, ସାମ୍ବାଦିକ, ଶିକ୍ଷାବିତ୍

ଭୁବନେଶ୍ୱର, (ପିଏନ)- ଦିଲ୍ଲୀପ ଶତପଥୀ ଥିଲେ ଏକ ଅନୁଷ୍ଠାନ। ସାମ୍ବାଦିକତା ଜଗତର ଉଜ୍ଜ୍ୱଳତମ ତାରକା। ସରକାରଙ୍କ ଭଲ ପଦକ୍ଷେପକୁ ପ୍ରଶଂସା କରୁଥିଲେ, ତ୍ରୁଟିର ସମାଲୋଚନା ବି କରୁଥିଲେ। ନିରପେକ୍ଷ ସାମ୍ବାଦିକତାର ସେ ପାଲଟିଥିଲେ ଉଦାହରଣ। ଖାଲି ଏତିକି ନୁହେଁ, ସାମ୍ବାଦିକତା କ୍ଷେତ୍ରରେ ନୂଆ ପିଢ଼ି ଗଢ଼ିବାରେ ତାଙ୍କ ଅବଦାନ ଅତୁଳନୀୟ। ଅକାଳରେ ବିଦାୟ ନେବା ଆଗରୁ ସେ ଏମିତି କାମ କିଛି କରିଯାଇଛନ୍ତି, ଯେଉଁଥିପାଇଁ ସବୁଦିନ ମନେ ରହିବେ। କୋହଭରା କଣ୍ଠରେ ଆଜି ଏମିତି ଭାବେ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଦିଲ୍ଲୀପ ଶତପଥୀଙ୍କୁ ମନେ ପକାଇଥିଲେ ରାଜନେତା, ପ୍ରଶାସକ, ସାମ୍ବାଦିକ, ସମାଜସେବୀ, ଶିକ୍ଷାବିତ୍, ଉଦ୍ୟୋଗୀ ଆଉ ଛାତ୍ରଛାତ୍ରୀ ।ଇଉ୍‌କଲ ଅଡିଟୋରିୟମ ଠାରେ ଆଜିର ବାତାବରଣ ଥିଲା ବେଶ୍ ଭାବପୂର୍ଣ୍ଣ। ସ୍ୱର୍ଗତ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପାଇଁ ଏକାଠି ହୋଇଥିଲେ ବିଭିନ୍ନ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ। ଏହି ଅବସରରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଲେ, ଦିଲ୍ଲୀପଙ୍କ ଲେଖା ଶୈଳୀ ଭିନ୍ନ ଥିଲା। ଅନେକ ସମୟରେ ତାଙ୍କସହ ଅର୍ଥନୀତି ଓ ରାଜନୈତିକ ସ୍ଥିତି ଓ ଖବରକୁ ନେଇ ଆଲୋଚନା ହୁଏ। କେବେ ବି ତାଙ୍କ ମୁହଁରେ ଦୁଃଖର ଛାଇ ଦେଖିନି। ଦିଲ୍ଲୀପ ଯେ କ୍ୟାନସର ଭଳି ଭୟାନକ ରୋଗଗ୍ରସ୍ତ ଥିଲେ, କେବେବି ମୁଁ ଜାଣିପାରିନି। ତାଙ୍କ ବିୟୋଗ ମର୍ମାହତ କରିଛି। ଭଗବାନ ତାଙ୍କ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ ।ଏହି କାର୍ଯ୍ୟକ୍ରମରେ ପ୍ରମେୟର ଗ୍ରୁପ ଏଡିଟର ଗୋପାଳକୃଷ୍ଣ ମହାପାତ୍ର, ସମାଜର ସମ୍ପାଦକ ବାମପଦ ତିପାଠୀ, ଗ୍ରାମ୍ୟ ଉନ୍ନୟନ ସିବ ପ୍ରଦୀପ କୁମାର ଜେନା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ତାରା ପ୍ରସାଦ ବାହିନିପତି, ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ)ର ଏମଡି ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅତନୁ ସବ୍ୟସାଚୀ ନାୟକ, ସୁଶାନ୍ତ ରାଉତଙ୍କ ସମେତ ବହୁ ନେତା, ପ୍ରଶାସକ, ପୂର୍ବତନ ପ୍ରଶାସକ, ବୁଦ୍ଧିଜୀବୀ, ସାମ୍ବାଦିକ, ଶିକ୍ଷାବିତ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ରାଉରକେଲା କଂଗ୍ରେସର ନୁଆରୂପ ଦୁଇଗୋଷ୍ଠି ହୋଇ ଚାଲିଛି ରାଜନୀତି

ରାଉରକେଲା,(ପିଏନ)-ରାଉରକେଲା କଂଗ୍ରେସରେ ନିର୍ବାଚନ ପରେ ଗୋଷ୍ଠିକନ୍ଦଳ ବଢିବାରେ ଲାଗିଛି ।ଦେଖାଯାଉଛି ଗୋଟାଏ ଦିନ ଜିଲ୍ଲା ସବାପତି ଯଦି କୌଣସି ସମସ୍ୟା ନେଇ ପ୍ରଶାସନ ନିକଟରେ ପହଁଚୁଛି ,ଠିକ ଦେନେ ଦୁଇଦିନ ପରେ ରାଉରକେଲା ବିଦାୟ ପ୍ରାର୍ଥୀ ଓ ଲୋକ ସଭା ପ୍ରର୍ଥୀ ସେମାନଙ୍କ ସମର୍ଥକ ମାନଙ୍କୁ ନେଇ ଅନ୍ୟ ଏକ ସମସ୍ୟା ନେଇ ଆଉ ଏକ ଅଫିସରେ ପହଁଚି ଲୋକଙ୍କ ସମସ୍ୟା ଉଠାଉଛନ୍ତି। ଯେମିତି ୨ତଳେ ଟ୍ରାଫିକ ନିୟମ ଓ ପ୍ରଶାସନର ପଦକ୍ଷେପ ନେଇ ଜିଲ୍ଲା ସଭାପତି ରବି ରାୟଙ୍କ ନେତୃତ୍ୱରେ ପୁର୍ବତନ ବିଧାୟକ ପ୍ରଭାତ ମହା ପାତ୍ର,ପିସିସି ସଂପାଦକ ରଶ୍ମିରଂଜନ ପାଢୀ ପ୍ରମୁଖ ଆର ଟି ଓ ତଥା ଏସପିଙ୍କୁ ଭେଟିବା ପରେ ଆଜି ବିଧାୟକ ପ୍ରାର୍ଥୀ ବୀରେନ ସେନାପତି,ଏମ ପି ପ୍ରାର୍ଥୀ ଜର୍ଜ ତିର୍କୀ ଓ ତାଙ୍କ ସମର୍ଥକ ମାନେ ଆଜି ଯୁବ ଛାତ୍ରଙ୍କ ସହ ରାଉରକେଲା ସରକାରୀ ଡାକ୍ତରଖାନାର ସମସ୍ୟା ନେଇ ବିକ୍ଷୋଭ କରିଛନ୍ତି। ଠିକ୍ ଏହା ପୁର୍ବରୁ ସେମାନେ ଜାତୀୟ ରାଜପଥ ବିଭାଗର ମୁଖ୍ୟଙ୍କୁ ଭେଟୀ ରାସ୍ତାର ସମସ୍ୟା ଉପରେ କହିଥିବା ବେଳେ ପୁର୍ବରୁ ବିଭିନ୍ନ ସମୟରେ ସରକାରୀ ଡାକ୍ତର ଖାନା କୁ ନେଇ ଅନେକ ଥର ସ୍ୱର ଉତୋଳନ କରିସାରି ଥିବା ବେଳେ ଏମାନଙ୍କ କାର୍ଯ୍ୟକ୍ରମ ଏତେ ବଢିଯାଇଛି ଯେ ରାଉରକେଲାରେ ବିରୋଧୀ ଦଳ ଥିବା ଭଳି ମନେ ହେଉଛି ବୋଲି କୁହାଯାଉଛି। ସେହିଭଳି ଜିଲ୍ଲା ସଭାପତି ଆସନ୍ତା କାଲି ପୁଣି ସରକାରୀ ଡାକ୍ତରଖାନା କୁ ନେଇ ଆନ୍ଦୋଳନ କରିବାର କର୍ଯ୍ୟକ୍ରମ ରହିଥିବା ଖବର ମିଳିଛି ।ତେବେ ସେ ଯାହା ବି ହେଉ ନା କାହିଁକି ମୁଖ୍ୟ ବିରୋଧୀ ଦଳ କୁହାଯାଉଥିବା ବିଜେପି ରାଉରକେଲାରେ ପୁରା ନୀରବ ଥିବା ବେଳେ କଂଗ୍ରେସର ଏହି ଦୁଇ ଗୋଷ୍ଠି ଭାଗ କରି ବିଭିନ୍ନ ସମୟରେ ଆନ୍ଦୋଳନ କରିବା ଦ୍ୱାରା ଲୋକେ ନିଶ୍ଚୟ ଉପକୃତ ହେଉଛନ୍ତି ।ଅନ୍ୟପକ୍ଷରେ ଏହା ଦଳୀୟ ସାଙ୍ଗଠନିକ ମାମଲାକୁ ପଦାରେ ପକାଇ କଂଗ୍ରେସ ଏଠାରେ ଦୁଇ ଭାଗ ବୋଲି ଆଲୋଚନା ଚାଲିଛି । ବିଶେଷ ସୁତ୍ରରୁ ଖବର ମିଳିଛି ଯେ ,ବର୍ତମାନର ଜିଲ୍ଲା ସଭାପତି ଙ୍କ ନେତୃତ୍ୱ କୁଆଡେ ଅନ୍ୟ ଗୋଷ୍ଠିକୁ ଗ୍ରହଣିୟ ହୋଇନଥିବା ବେଳେ ନିର୍ବାଚନ ବେଳେ ବିଧାୟକ ଓ ଲୋକ ସଭା ପ୍ରାର୍ଥୀ ରାଜ୍ୟ ମୁଖିଆଙ୍କୁ ସେମାନଙ୍କ ହାରିବା ପଛର କାହାଣୀ ଯାହା କହିଛନ୍ତି ସେଥିରେ ଅନ୍ୟ ଗୋଷ୍ଠୀର କେତେକ ନେତାଙ୍କ ନାମ ରହିଛି । ତେଣୁ ନେତୃତ୍ୱ ଓ ନିଜର ଉପସ୍ଥିତି ଜାହିର ଲାଗି ସିନା ଆନ୍ଦୋଳନ ଚାଲିଛି ହେଲେ ଦଳୀୟ ବ୍ୟାପାର ଲାଗି ଏହା ସମସ୍ୟା ବଢଉଛି ବୋଲି ପୁରାତନ କେତେକ ନେତା କହିଛନ୍ତି ।କ୍ରିଡ୍ରାରେ ଡେଙ୍ଗୁ ୧ମୃତ ୧୦ଆକ୍ରାନ୍ତ ।

## ଅନେକ ପ୍ରଶ୍ନ ଭିତରେ ଜଳ ବନ୍ଦୀ ଅଂଚଳ
## ପଂଚାୟତ ମହକୁମାରେ ସମସ୍ତେ ଜମିହୀନ

ଜୟପାଟଣା, (ପିଏନ)- ଶରୀର ଅସୁସ୍ଥ ହେଲେ ଚିକିସ୍ଥା ପାଇଁ ପାଖରେ ସୁଯୋଗ ନଥାଏ। ଗର୍ଭବତୀ ମହିଳାମାନଙ୍କ ପାଇଁ ବେଦନା ଆରମ୍ଭ ହେବାବେଳକୁ ଭଗବାନଙ୍କ ଉଦ୍ଦେଶ୍ୟରେ ଦୁଇହାତ ଟେକି ଦେବାକୁ ପଡ଼ିଥାଏ। ଜଳବନ୍ଦୀ ଭାବରେ ୨୦ବର୍ଷ ଧରି ଜୀବନ ବିତାଉଥିବା ଲୋକଙ୍କ ପାଇଁ ସବୁବେଳେ ଅସୁରକ୍ଷିତ ହୋଇପଡ଼େ କାଠ ଡଙ୍ଗାରେ ଯାତ୍ରା ବର୍ଷ ବର୍ଷ ଧରି ପାହାଡ଼ର ଶିଖରରେ ଭୌଗୋଳିକ ପ୍ରତିବନ୍ଧକ ଭରା ଜୀବନ ବିତାଉଥିଲେ ମଧ ଝାଟିମାଟିର କୁଡ଼ିଆର ଆକୃତି ବଦଳିପାରେ ନାହିଁ। ହାତରେ ଜମି ପଟ୍ଟା ନଥିବା ମଣିଷମାନଙ୍କୁ ଆବାସ ଯୋଜନାରୁ ବଂଚିତ ହେବାକୁ ପଡ଼େ। ଏମାନଙ୍କ ଜୀବନ ଧାରଣର ସଂଜ୍ଞା ଦେଖିଲାବେଳକୁ ଅନେକ ଅସମାହିତ ପ୍ରଶ୍ନ ଉଙ୍କିମାରେ। ଏଠିକାର ଲୋକମାନେ ଏଭଳି ଏକ ପ୍ରତିବନ୍ଧକ ଭରା ସ୍ଥାନରେ ଜୀବନ ବିତାଉଥିବା ସମ୍ପର୍କରେ କାରଣ ଖୋଜିବା ସ୍ୱାଭାବିକ ହୋଇପଡ଼େ ଏମାନେ ଆଉ କେହି ନୁହନ୍ତି କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ନବଗଠିତ ପୋଡ଼ାପଦର ପଂଚାୟତର ଅଧିବାସୀ। ଗ୍ରାମ ପଂଚାୟତ ନବଗଠିତ ହେବାବେଳକୁ ୨୦୧୭ ମସିହାରେ ଜଳ ବନ୍ଦୀ ଜୀବନ ଦୁଇ ଦଶନ୍ଧି ଧରି ବିତାଉଥିବା ପୋଡ଼ାପଦର ପଂଚାୟତବାସୀଙ୍କ ପାଇଁ ଅନେକ କିଛି ଆଶା ସଂଚାର ହୋଇଥିଲା। ପୋଡ଼ାପଦର ପଂଚାୟତ ପରିଧି ମଧ୍ୟରେ ୬ଗୋଟି ରାଜସ୍ୱ ଗାଁ ପୋଡ଼ାପଦର, ଭିତରଡଙ୍ଗା, ତେନ୍ଦୁଳିପଦର, ଘୁଟୃଖାଲ, ଝିରିଗାଁ ଓ ସରାଫାଶ, ଏହିସବୁ ରାଜସ୍ୱ ଗ୍ରାମମାନଙ୍କର ପାର୍ଶ୍ୱ ଗ୍ରାମ ହେଲା ଭୁରୁଭୁରି ଟେମରା, ତଳଟେମରା, ଡିପ୍‌ଟେମରା, କାରବାଡ଼ି, କଳାଟି, ଟିଳିମସ୍କା, ତଳଗୁଞ୍ଜମାଳି, ଉପରଗୁଞ୍ଜମାଳି, ଉପରପୁଙ୍ଗା, କୁଟ୍ରପାଟ, କୋଡ଼ିପଦର ଏଭଳି ଆଉ ବାରଟି ଗ୍ରାମର ସମ୍ମିଶ୍ରଣ। ଇନ୍ଦ୍ରାବତୀ ଆରମ୍ଭ ହେବା ପୂର୍ବରୁ ଏମାନଙ୍କ ପାଖରେ ସବୁକିଛି ଥିଲା। ଜମିନ ଜାୟଦାତ୍ ଗାଈ ଗୋରୁ ପାନୀୟ ଜଳ ବିଦ୍ୟାଳୟ ବ୍ୟବସ୍ଥା ବଂଚିବାର ସାଧନ ସବୁ ଥାଇ ମଧ ଏବେ ଏକ ବେସାହାରା ଜୀବନ ବିତେଇବାକୁ ପଡୁଛି। ଇନ୍ଦ୍ରାବତୀ ଜଳଭଣ୍ଡାର ମଧ୍ୟରେ ସବୁକିଛି ହଜେଇଦେବା ପରେ ସାମାନ୍ୟ ସରକାରୀ ପାରିତୋଷିକ ରାଶି ଏମାନଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ପାଲଟିଗଲା। ନବରଙ୍ଗପୁର, କୋରାପୁଟ ଓ କଳାହାଣ୍ଡି ଜିଲ୍ଲା ସଂଯୋଗସ୍ଥଳୀରେ ଅବସ୍ଥାନ କରି ଆସିଥିବା ଏହି ଅଂଚଳର ମଣିଷମାନେ ଜଳଭଣ୍ଡାରର ଉଚ୍ଚତମ ଅଣ ସର୍ବେକ୍ଷଣ ଇଲାକା ସବୁ ବାଛି ଗାଁମାନଙ୍କର ପ୍ରାଚୀର ନାମରେ ପୁଣିଥରେ ଅବସ୍ଥାନା କରିବସିଲେ। ୧୯୯୯ ମସିହାରୁ ଜଳଭଣ୍ଡାର ପୂର୍ଣ୍ଣାଙ୍ଗ ହେବାପରେ ଏମାନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଲା। ଗାଁ ଗାଁ ମଧ୍ୟରେ ଅର୍ଥନୀତି ଓ ସାମାଜିକ ଜୀବନ ମଧ କ୍ଷୁର୍ଣ୍ଣ ହେବାରେ ଲାଗିଲା। ସାମାଜିକ ଜୀବନର ଦୁଃଖ ସୁଖରେ ସାମିଲ ହେବାକୁ ହେଲେ ବିପଦ ସଂକୁଳ କାଠ ଡଙ୍ଗାର ଆଶ୍ରୟ ନେବାକୁ ପଡ଼ିଲା। ସବୁବେଳେ ପ୍ରତିକୂଳ ଅବସ୍ଥାରେ ଦିନ କାଟୁଥିବା ଲୋକଙ୍କ ପାଇଁ ଆବାସ ଯୋଜନା ଭଳି ମହତ୍ୱାକାଂକ୍ଷୀ ଯୋଜନା ମିଳାଇବା କଷ୍ଟକର ହୋଇପଡ଼ିଲା। ଏତେ କଷ୍ଟରେ ଜୀବନ ବିତାଉଥିବା ଲୋକମାନଙ୍କ ହାତରେ ସରକାର ପ୍ରଦତ ଚାରି ଡିସିମିଲ ଜମି ନଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରୁ ବଂଚିତ ହେବାକୁ ପଡ଼ିଲା। ୧୮ ଖଣ୍ଡ ଗ୍ରାମ ମଧ୍ୟରୁ କେବଳ ତେନ୍ତୁଳିପଦ, ଘୁଟୃଖାଲ, ଭିତରଡଙ୍ଗା ଓ ଝିରିଗାଁର ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ପାରିଛି। ଏପରି କି ପଂଚାୟତ ମହୁକୁମା ବୋଲାଉଥିବା ପୋଡ଼ାପଦର ଗ୍ରାମ ଅଧିବାସୀଙ୍କ ମଧ ଆବାସ ଯୋଜନାରୁ ହାତରେ କୌଣସି ଲୋକଙ୍କର ଜମି ପଟ୍ଟା ନଥିବାରୁ ବଂଚିତ ହେବାକୁ ପଡ଼ିଲା। ଏ ସମ୍ପର୍କରେ ପିଇଓ ଦେବାନନ୍ଦ ସାଗରଙ୍କୁ ପଚାରିବାରୁ ଚଳିତ ବର୍ଷକୁ ମିଶାଇ ସମ୍ପୃକ୍ତ ଚାରିଖଣ୍ଡ ଗ୍ରାମରେ ସମସ୍ତ ହିତାଧିକାରୀଙ୍କୁ ଆବସ ଯୋଜନାରେ ସାମିଲ କରାଯାଇଥିବା ପ୍ରକାଶ କରିଥିଲେ। ଏସବୁ ସତ୍ୱେ ଏଭଳି ଏକ ଅଂଚଳକୁ କେବିକେ ପ୍ରଶାସକ, କଳାହାଣ୍ଡି ଜିଲ୍ଲାପାଳ, ଲୋକପ୍ରତିନିଧିମାନଙ୍କ ନଜରରେ ଥିବାସତ୍ୱେ ଏହି ଅଂଚଳର ଜଳବନ୍ଦୀ ମଣିଷମାନଙ୍କ ପାଇଁ କ୍ଷୂର୍ଣ୍ଣ ହେଉଥିବା ମାନବିକ ଅଧିକାର ପାଇଁ କେମିତି ସମସ୍ତେ ଚୁପ୍ ହୋଇ ବସିଛନ୍ତି ବୋଲି ଏବେ ବିଭିନ୍ନ ମହଲରୁ ପ୍ରଶ୍ନ ଉଠୁଛି।

## ଜୟପୁର ଠାରେ ବିଜେପିର ଜାତୀୟ ସ୍ତରର କାର୍ଯ୍ୟକ୍ରମ ସେବା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

ଜୟପୁର, (ପିଏନ)- ୧୪ ସେପ୍ଟେମ୍ବର ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟିସେବା ସପ୍ତାହ ଭାବରେ ପାଳନ କରିବା ନେଇ କାର୍ଯ୍ୟକ୍ରମ ରହିଛି । ଏହି ସପ୍ତାହରେ ବିଭିନ୍ନ ପ୍ରକାର ସେବା କାର୍ଯ୍ୟ ଏବଂ ପର୍ଯ୍ୟାବରଣ ସମ୍ବନ୍ଧିତ ବିଷୟକୁ ସାଧାରଣ ଲୋକମାନଙ୍କ ମଧ୍ୟରେ ପହଂଚାଇବା ନେଇ କାର୍ଯ୍ୟ କରିବ । ଏନେଇ ଜୟପୁର ଠାରେ ଛଅଟି ଜିଲ୍ଲା ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି ଏବଂ ନୂଆପଡା ଜିଲ୍ଲା ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ୬ ଜିଲାର ଜିଲା ସଭାପତୀ,ସମସ୍ତ ବିଧାୟକ ଏବଂ ବିଧାୟକ ପ୍ରାର୍ଥୀ ଏବଂ ସାଂସଦ ପ୍ରାର୍ଥୀ ଯୋଗ ଦେଇ ଏନେଇ ଅଲୋଚନା କରିଛନ୍ତି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ କରିବା ନେଇ ଏହି କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା । ସେପ୍ଟେମ୍ବରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କରିବା ନେଇ ଭୁବନେଶ୍ୱରରେ ରାଜ୍ୟ ସ୍ତରିୟ କାର୍ଯ୍ୟକ୍ରମ ରହିଛି। ସେପ୍ଟେମ୍ବର ୧୫ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଜିବନୀ ଉପରେ ଆଧାରିତ ସାମଗ୍ରୀ ଗୁଡିକ ଓଡିଶାର ପ୍ରତି ଜିଲା ମୁଖ୍ୟାଳୟ ଏବଂ ବିଧାନସଭା କ୍ଷେତ୍ରରେ ପ୍ରଦର୍ଶିତ ହେବ। ୧୭ ସେପ୍ଟେମ୍ବରରେ ରକ୍ତଦାନ ଶିବିର ଏବଂ ସ୍ୱାସ୍ଥ୍ୟ ଶିବିର, ଚକ୍ଷୁ ପରିକ୍ଷଣ ନେଇ ଶିବିର କରାଯିବ । ସେପ୍ଟେମ୍ବର ୧୮ ତାରିଖ ଦିନ ସମସ୍ତ ବିଧାୟକ ଏବଂ ମଣ୍ଡଳ ସ୍ତରରେ ପ୍ଲାଷ୍ଟିକ ଉପରେ ସଚେତନତା ସହ ପ୍ଲାଷ୍ଟିକ ବର୍ଜନ ନେଇ ପ୍ରତି ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ କରାଯିବ । ସେପ୍ଟେମ୍ବର ୨୦ ତରିଖରେ ସମସ୍ତ ବ୍ଲକ ଏବଂ ପୌରାଂଚଳ ସ୍ତରରେ ସ୍ୱଚ୍ଛ ଭାରତ ଅଭିଯାନ ପ୍ରଚାର କରାଯିବା । ରାଜ୍ୟରେ ଭାରତୀୟ ଜନତା ପାର୍ଟୀର ୧୦୦୨ ମଣ୍ଡଳରେ ସ୍ୱଚ୍ଛ ଭାରତ ଅଭିଯାନକୁ ସକ୍ରିୟତାର ସହ ପାଳନ କରାଯିବାର ମଧ୍ୟ ଯୋଜନା ରହିଛି । ଏହି ସେବା ସପ୍ତାହ ଉପଲଖେ କେନ୍ଦ୍ର ମନ୍ତ୍ରୀ ପ୍ରଦାପ ଶଡଙ୍ଗୀ ୧୮ ତାରିଖରେ ମାଲକାନଗିରି ଜିଲ୍ଲା ଗ୍ସତ କରିବା ନେଇ କାର୍ଯ୍ୟକ୍ରମ ରହିଛି । ଏହାକୁ ସଫଳ ରୂପାୟନ କରିବା ନେଇ ଏହି ୬ ଜିଲ୍ଲାରୁ ୬ ଜଣ ଲେଖାଏଁ ପୁରୁଷ ସଦସ୍ୟ ଏବଂ ଦୁଇ ଜଣ ଲେଖାଏଁ ମହିଳା ସଦସ୍ୟଙ୍କୁ ଏହି ଆଲୋଚନା ଚକ୍ରରେ ଡକାଯାଇଥିଲା। ତେବେ ଏହି ପରିପେକ୍ଷିରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ମାନସ କୁମାର ମହାନ୍ତି,ବରିଷ୍ଠ ବିଜେପି ନେତା ଦେବେନ୍ଦ୍ର ବାହିନିପତୀ,ପୂର୍ବତନ ସଂସଦ ବଳଭଦ୍ର ମାଝି, ପୂର୍ବତନ ସଂସଦ ପର୍ଶୁରାମ ମାଝି, ପୂର୍ବତନ ସଂସଦ ଜୟରାମ ପାଙ୍ଗୀ, ଜାତୀୟ ଜନଜାତୀ ମୋର୍ଚ୍ଚାର ଉପସଭାପତୀ କାଳିରାମ ମାଝି, କୋରାପୁଟ ଜିଲା ବିଜେପି ସଭାପତୀ ବିଜୟ ମିଶ୍ର, ଗୋବିନ୍ଦ ଜୈନ ଏବଂ ମାଲକାନଗିରି ବିଧାୟକ ଆଦିତ୍ୟ ମାଢି ପ୍ରମୁଖ ଯୋଗ ଦେଇଛନ୍ତି ।

## ଓଡ଼ିଶା ମିଲେଟ୍ ମିଶନର ଉଚ୍ଚ କ୍ଷମତା ସମ୍ପନ୍ନ ବୈଠକ
## ଲଘୁ ଶସ୍ୟର ବ୍ୟବହାର ଓ ବିପଣନ ଉପରେ ଗୁରୁତ୍ୱ

ଭୁବନେଶ୍ୱର,(ପିଏନ)- ଓଡ଼ିଶା ମିଲେଟ୍ ମିଶନର ଏକ ଉଚ୍ଚ କ୍ଷମତାସମ୍ପନ୍ନ ବୈଠକ ଆଜି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୃଷି ଉତ୍ପାଦନର କମିଶନର ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଡ. ଏମ. ମୁଥୁକୁମାର ଓ ଟିଡିସିସିଓଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଏସ.ଆର. ଯାଦବ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମିଲେଟ୍ ମିଶନର ବିଭିନ୍ନ ଦିଗ ଓ ଅଗ୍ରଗତି ସହ ଏହାକୁ ସମଗ୍ର ରାଜ୍ୟରେ ଅଧିକ ବ୍ୟାପକ କରିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ୨୦୧୮-୧୯ ବର୍ଷରେ ୭ଟି ଜିଲ୍ଲାର ପିଡିଏସ୍ ବଂଟନ ବ୍ୟବସ୍ଥାରେ ରାଗି ଉପଭୋକ୍ତାମାନଙ୍କୁ ଦିଆଯାଉଥିବା ପରିପ୍ରେକ୍ଷୀରେ ଲୋକମାନଙ୍କ ଠାରୁ ଏହାର ଗ୍ରହଣୀୟତା ସମ୍ପର୍କରେ ମତାମତ ଜାଣିବା ପାଇଁ ଏକ ସର୍ଭେ କରାଯିବ। ଲଘୁ ଶସ୍ୟର ଅଧିକ ବ୍ୟବହାର ନିମେନ୍ତ ବିଭିନ୍ନ ସରକାରୀ ଯୋଜନାରେ ଏହାକୁ ସଂଯୁକ୍ତ କରାଯିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଉତ୍ପାଦିତ ଲଘୁ ଶସ୍ୟ ସୁବିଧାରେ ବିକ୍ରିବଟା ନିମନ୍ତେ ବୃହତ୍ ବିପଣନ ସଂସ୍ଥା ସହିତ ସଂଯୁକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉନ୍ନୟନ କମିଶନର ଶ୍ରୀ ମହାପାତ୍ର ଓରମାସ ଦ୍ୱାରା ଲଘୁ ଶସ୍ୟର ଅନଲାଇନ ମାଧ୍ୟମରେ ବିପଣନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହାସହିତ ରାଗିର ବ୍ୟବହାର ବୃଦ୍ଧି କରିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ମଧ ସେ ଗୁରୁତ୍ୱ ଦେଇଥିଲେ।

କୃଷି ଉତ୍ପାଦନ କମିଶନର ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର ଧାନ ସଂଗ୍ରହ କେନ୍ଦ୍ର ସହିତ ଲଘୁ ଶସ୍ୟ ସଂଗ୍ରହ କେନ୍ଦ୍ର ଖୋଲିବା ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ଅନ୍ୟଥା ଏହାର ନିକଟବର୍ତ୍ତୀ ସ୍ଥାନରେ ଲଘୁ ସଂଗ୍ରହ କେନ୍ଦ୍ର ଖୋଲିବା ଉପରେ ଗୁରୁତ୍ୱ ଦେଇଥିଲେ।

ଚଳିତ ବର୍ଷ ରାଜ୍ୟ ସରକାର ଖରିଫ ଋତୁରେ ୧ଲକ୍ଷ କ୍ୱିଂଟାଲ ରାଗି ସଂଗ୍ରହ କରିବା ପାଇଁ ପ୍ରସ୍ତାବ ଦେଇନ୍ତି। ରାଗିରୁ ପ୍ରସ୍ତୁତ ଲଡ଼ୁ ଅଙ୍ଗନବାଡ଼ିରେ ଶିଶୁମାନଙ୍କୁ ଦିଆଯିବା ପାଇଁ ମଧ ପ୍ରସ୍ତାବ ରହିଛି। ଜିଲ୍ଲା ଖଣିଜ ପାଣ୍ଠି ଅନ୍ତର୍ଗତ ଜିଲ୍ଲାର ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନ ଭୋଜନରେ ଲଘୁ ଶସ୍ୟ ଅନ୍ତର୍ଭୁକ୍ତ କରିବା ପାଇଁ କମିଟି ପ୍ରସ୍ତାବ ଦେଇଥିଲେ। ସୂଚନାଯୋଗ୍ର ଯେ ଆସନ୍ତା ଅକ୍ଟୋବର ୧୬ ତାରିଖରେ ବିଶ୍ୱ ଖାଦ୍ୟ ଦିବସ ପାଳନ ଅବସରରେ କୃଷି ଭବନ, ଭୁବନେଶ୍ୱର ଠାରେ ନ୍ୟୁଟ୍ରି ସେରିଆଲ୍ ସମ୍ପର୍କରେ ଏକ ଜାତୀୟ କର୍ମଶାଳାର ଆୟୋଜନ କରାଯିବ।

ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ଲଘୁ ଶସ୍ୟକୁ ପ୍ରୋତ୍ସାହନ ଦେବା ନିମନ୍ତେ ୨୦୧୭-୧୮ ମସିହାରେ ଓଡ଼ିଶାର ଜନଜାତି ବହୁଳ ୭ଟି ଜିଲ୍ଲାର ୩୦ଟି ବ୍ଲକ୍‌ରେ ଓଡ଼ିଶା ମିଲେଟ୍ ମିଶନ ଆରମ୍ଭ କରାଯାଇଥିଲା। ୨୦୧୮-୧୯ ବର୍ଷରେ ୧୪ଟି ଜିଲ୍ଲାର ୭୨ଟି ବ୍ଲକ୍‌ରୁ ଏହା ସମ୍ପ୍ରସାରିତ କରାଯାଇଥିଲା। ଏହା ମଧ୍ୟରୁ ୧୩ଜିଲ୍ଲାର ୬୫ଟି ବ୍ଲକ୍‌ରେ ଏହି କାର୍ଯ୍ୟକ୍ରମ ରାଜ୍ୟ ଯୋଜନାରୁ କାର୍ଯ୍ୟକାରୀ ହେଉଥିବାବେଳେ କେନ୍ଦୁଝର ଜିଲ୍ଲାର ୭ଟି ବ୍ଲକ୍‌ରେ ଜିଲ୍ଲା ଖଣିଜ ପାଣ୍ଠିରୁ କାର୍ଯ୍ୟକାରୀ କରାଯାଇଛି। ଭାରତ ସରକାର ଓଡ଼ିଶା ମିଲେଟ୍ ମିଶନ ମଡେଲକୁ କାର୍ଯ୍ୟକାରୀ କରିବା ପାଇଁ ସବୁ ରାଜ୍ୟକୁ ପରାମର୍ଶ ଦେଇଛନ୍ତି। ଭାରତ ସରକାର ଓଡ଼ିଶା ମିଲେଟ୍ ମିଶନ ଅନୁସାରେ ନ୍ୟୁଟ୍ରି ସେରିୟଲରୀ ମାର୍ଗଦର୍ଶିକାରେ ସଂଶୋଧନ ଆଣିବା ପାଇଁ ଏକ ଟାସ୍କ ଫୋର୍ସ ଗଠନ ଓ ନୀତି ଆୟୋଗ ଦ୍ୱାରା ଓଡ଼ିଶା ମିଲେଟ୍ ମିଶନ ମଡେଲ୍‌କୁ ପ୍ରୋତ୍ସାହିତ କରିବା ପରିପ୍ରେକ୍ଷଇରେ ସମନ୍ୱିତ ଶିଶୁ ବିକାଶ ଯୋଜନା, ମଧ୍ୟାହ୍ନ ଭୋଜନ ଏବଂ ପିଡିଏସରେ ଲଘୁଶସ୍ୟକୁ ଅନ୍ତର୍ଭୁକ୍ତ ଆଦି ବିଷୟରେ ବୈଠକରେ ଆଲୋଚନା ହୋଇଥିଲା।

